୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK — पर्यवेक्षक

Vol.26 . No.142 Bhubaneswar Wednesday July 10 2024 | ୨୬ତମ ବର୍ଷ ସଂଖ୍ୟା–୧୪୨ ଭୁବନେଶ୍ୱର, ବୁଧବାର, ଜୁଲାଇ ୧୦, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS


## ଗୋଟି ପହଣ୍ଡି ବେଳେ ହାମୁଡେଇ ପଡିଲେ ବଡ ଠାକୁର



ଭୁବନେଶ୍ୱର,୯ ।୭(ପି.ଏନ): ଶ୍ରୀକ୍ଷେତ୍ରରେ ଆଡପ ପହଣ୍ଡି ବେଳେ ଖସି ପଡିଲେ ବଡ ଠାକୁର ବଳଭଦ୍ର। ଚାରମାଳ ଉପରେ ହାମୁଡେଇ ପଡିଲେ ବଡ ଠାକୁର। ପହଣ୍ଡିରେ ସାମିଲ ହୋଇଥିବା କେତେକ ସେବାୟତ ଆହତ ହୋଇଛି। ସେମାନଙ୍କୁ ଉଦ୍ଧାର କରାଯାଇ ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି।

## ଆସନ୍ତା ୧୪ ତାରିଖରେ ଖୋଲିବ ରତ୍ନଭଣ୍ଡାର ! ତଦାରଖ କମିଟି ଦେଲା ପ୍ରସ୍ତାବ



ପୁରୀ,୯ ।୭(ପି.ଏନ): ଶ୍ରୀମନ୍ଦିରର ରତ୍ନଭଣ୍ଡାର ଖୋଲିବା ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି । ଓଡିଶା ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଥିପାଇଁ ବୈଠକ ଜାରି ରହିଛି । ତେବେ ଆସନ୍ତା ୧୪ ତାରିଖରେ ରତ୍ନଭଣ୍ଡାର ଖୋଲିବା ନେଇ ବର୍ତ୍ତମାନ ଚର୍ଚ୍ଚା ଆରମ୍ଭ ହୋଇଛି । ଏଥିପାଇଁ ବୈଠକରେ ପ୍ରସ୍ତାବ ଦେଇଛି ରତ୍ନଭଣ୍ଡାର ତଦାରଖ କମିଟି । ତେବେ ରତ୍ନଭଣ୍ଡାର କୋଲିବା ପୂର୍ବରୁ ସରକାରଙ୍କ ଅନୁମତି ଲୋଡିଛି କମିଟି । ଆସନ୍ତା ୧୪ ତାରିଖରେ ମନ୍ଦିରର ରତ୍ନଭଣ୍ଡାର ଖୋଲିବା ପାଇଁ ପ୍ରସ୍ତାବ ଦିଆ ଯାଇଥିବା ସୂଚନା ଦେଇଛନ୍ତି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ । ଏଥିପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ସରକାରଙ୍କ ଅନୁମତି ମିଳିଲେ ୧୪ ତାରିଖରେ ଶ୍ରୀମନ୍ଦିରର ରତ୍ନଭଣ୍ଡାର ଚାବି ଉପସ୍ଥାପନ କରାଯାଇ ରତ୍ନଭଣ୍ଡାର ଖୋଲାଯିବ ବୋଲି ସେ କହିଛନ୍ତି ।ରତ୍ନଭଣ୍ଡାର କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ କହିଛନ୍ତି ଯେ, ସରକାର ଏହି ପ୍ରସ୍ତାବକୁ ଅନୁମତି ଦେଲେ ୧୪ ତାରିଖରେ ରତ୍ନଭଣ୍ଡାର ଖୋଲାଯିବ । ତେବେ ଏହି ସମୟରେ ଭକ୍ତଙ୍କ ଦର୍ଶନ ବନ୍ଦ ହେବନାହିଁ । ଭକ୍ତଙ୍କ ଉପସ୍ଥିତିରେ ରତ୍ନଭଣ୍ଡାର ଖୋଲାଯିବ ବୋଲି ଜଷ୍ଟିସ ରଥ ସୂଚନା ଦେଇଛନ୍ତି । ରଥଯାତ୍ରାରେ ବ୍ୟସ୍ତ ଥିବାରୁ ଆଜି ଚାବି ଉପସ୍ଥାପନ କରାଯାଇ ନାହିଁ । ତେବେ ୧୪ ତାରିଖରେ ତଦାରଖ କମିଟି ଆଗରେ ମୁଖ୍ୟ ପ୍ରଶାସକ ରତ୍ନଭଣ୍ଡାର ଚାବି ଉପସ୍ଥାପନ କରିବେ ବୋଲି କହିଛନ୍ତି । ଏହାପରେ ଚାବି କାମ କରୁ ବା ନ କରୁ ରତ୍ନଭଣ୍ଡାର ଖୋଲିବା ସୁନିଶ୍ଚିତ । ତେବେ ରତ୍ନଭଣ୍ଡାର ଖୋଲାଯିବା ସମୟରେ ସାଧାରଣ ଦର୍ଶନ ବନ୍ଦ ହେବନାହିଁ । କିନ୍ତୁ ଏହି ସମୟରେ ଭକ୍ତ ମଧ୍ୟ ସହଯୋଗ କରିବେ ବୋଲି ଆଶା ରଖିଛନ୍ତି ରତ୍ନଭଣ୍ଡାର କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ।

### ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ପିଲାଙ୍କୁ ଖାଇବାକୁ ଦିଆଯାଇଥିବା ଚଟଣୀରେ ବୁଲୁଥିଲା ମୂଷା, ଭିଡିଓ ଭାଇରାଲ

ଭୁବନେଶ୍ୱର,୯ ।୭(ପି.ଏନ): ତେଲଙ୍ଗାନାର ସୁଲତାନପୁର ସ୍ଥିତ ଜବାହରଲାଲ ନେହରୁ ଟେକ୍ନୋଲୋଜିକାଲ ୟୁନିଭର୍ସିଟିର ଏକ ହଷ୍ଟେଲରେ ପିଲାଙ୍କ ପାଇଁ ପ୍ରସ୍ତୁତ ଚଟଣୀରେ ମୂଷା ବୁଲୁଥିବାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେଉଛି ।ଆଜି ସକାଳେ ଏଠାରେ ପିଲାଙ୍କ ପାଇଁ ଇଡ୍ ?ଲୀ ଓ ବାଦାମ ଚଟଣୀ ପ୍ରସ୍ତୁତ କରାଯାଇଥିଲା। ବାଦାମ ଚଟଣୀକୁ ଏକ ବଡ ପାତ୍ରରେ ରଖାଯାଇଥିଲା। କିଛି ପିଲା ଜଳଖିଆ ଖାଇବାକୁ ଆସିବା ସମୟରେ ଚଟଣୀରେ ଏକ ଜୀବନ୍ତ ମୂଷା ଥିବା ଦେଖିବାକୁ ପାଇଥିଲେ। ମୂଷାଟି ଉକ୍ତ ପାତ୍ର ଭିତରୁ ମୁକୁଳିବାକୁ ପ୍ରୟାସ କରୁଥାଏ। ଏହା ଦେଖି ପିଲାମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସେମାନେ ଏହାର ଭିଡିଓ କରି ସୋଶାଲ ମିଡିଆରେ ପୋଷ୍ଟ କରିଛନ୍ତି।

### ଏକ୍ସପ୍ରେସ ଟ୍ରେନ ଧକ୍କାରେ ୨ ଯୁବକ ମୃତ, ସୋରରେ ଘଟିଛି ଅଭାବନୀୟ ଘଟଣା

ଭୁବନେଶ୍ୱର,୯ ।୭(ପି.ଏନ): ବାଲେଶ୍ୱର ସୋରରେ ଘଟିଛି ଏକ ଅଭାବନୀୟ ଘଟଣା । ବାହାନଗା ଦଣ୍ଡହରିପୁର ରେଳଫାଟକରେ ୨ ଜଣ ଯୁବକଙ୍କ ଟ୍ରେନ ଧକ୍କାରେ ମୃତ୍ୟୁ ହୋଇଛି । ରେଳଧାରଣାରେ ସେମାନଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ପଡି ରହିଛି । ସୂଚନାନୁଯାୟୀ, ସେମାନଙ୍କ ପରିଚୟ ଏଯାଏଁ ମିଳି ପାରି ନାହିଁ । ପୁରୀ- ହାୱଡା ଏକ୍ସପ୍ରେସ ଟ୍ରେନ ଉଭୟଙ୍କୁ ଧକ୍କା ଦେଇଥିଲା । ଫଳରେ ସେମାନଙ୍କ ମୃତ୍ୟୁ ହୋଇଛି । ଟ୍ରେନ ଆସିବା ସମୟରେ ଟ୍ରାକରେ ଉଭୟ ଯୁବକ ଛିଡା ହୋଇ ରହିଥିଲେ । ଫଳରେ ସେମାନଙ୍କୁ ଏହି ଏକ୍ସପ୍ରେସ ଟ୍ରେନ ଧକ୍କା ଦେଇଥିଲା । ହଠାତ କିଛି ନ ଜାଣିବା ପୂର୍ବରୁ ସେମାନେ ମୃତ୍ୟୁମୁଖକୁ ଚାଲି ଯାଇଥିଲେ ।

## ରଥ ଉପରେ କାଳିଆ ସାଆଁନ୍ତ; ତଳେ ଦୁଇ ସେବାୟତ ଗୋଷ୍ଠୀ ପିଟାପିଟି



ଭୁବନେଶ୍ୱର,୯ ।୭(ପି.ଏନ): ଭକ୍ତ ବତ୍ସଳ କାଳିଆ ସାଆଁନ୍ତ। ସବୁ ବାଡ ବନ୍ଧନକୁ ଭାଙ୍ଗି ବର୍ଷର ଥରେ ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ପାଖକୁ ଚାଲି ଆସନ୍ତି ମହାପ୍ରଭୁ। ଆଉ ଭକ୍ତ ବତ୍ସଳ ତାଙ୍କୁ କୁଣ୍ଢାଇ ପକାଇ ନିଜ ମନ ଭିତରେ ଥିବା ସବୁ ଦୁଃଖ ଓ ବେଦନା ଜଣାଇଥାଏ। ତା'ପରେ ମହାପ୍ରଭୁଙ୍କ ସେହି ରଥକୁ ଲୋତକଭରା ଆଖିରେ ଟାଣିନେଇଯାଏ ଜନ୍ମ ବେଦୀକୁ। ହେଲେ ଇଏ କ'ଣ ବିଚିତ୍ର ଚିତ୍ର ଗୁଣ୍ଡିଚା ମନ୍ଦିର ଆଗରେ ରଥ ଉପରେ ବସିଛନ୍ତି ବିଶ୍ୱ ନିୟନ୍ତା କାଳିଆ ସାଆଁନ୍ତ। ଆଉ ତାଙ୍କ ଆଖି ଆଗରେ ପିଟାପିଟି ଲାଗୁଛନ୍ତି ଦୁଇ ସେବାୟତ ଗୋଷ୍ଠୀ। ବିବାଦ ଯୋଗୁ ରାତି ୩ଟାରେ ଗୁଣ୍ଡିଚା ମନ୍ଦିରକୁ ଗଲେ ତିନି ଠାକୁର। ଏପରି ଚିତ୍ର ଯାଜପୁର ଜିଲ୍ଲା ସୁକିନ୍ଦା ଜଗନ୍ନାଥ ମନ୍ଦିରରେ ଦେଖିବାକୁ ମିଳିଛି ।ପ୍ରତିବର୍ଷ ପରି ଚଳିତବର୍ଷ ସୁକିନ୍ଦା ଶ୍ରୀଜଗନ୍ନାଥ ମନ୍ଦିରରେ ମହା ଆଡମ୍ବରରେ ରଥ ଯାତ୍ରା ହୋଇଥିଲା। ସୋମବାର ସନ୍ଧ୍ୟା ବେଳେ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା ରଥ। ତା'ପରେ ତିନି ଠାକୁରଙ୍କ ଗୁଣ୍ଡିଚା ମନ୍ଦିର ପହଣ୍ଡି ଆରମ୍ଭ ହେବା କଥା। ହେଲେ ମନ୍ଦିରର ଦୁଇ ସେବାୟତ ଗୋଷ୍ଠୀଙ୍କ ମତଭେଦ ଯୋଗୁ ଆରମ୍ଭ ହୋଇପାରିଲାନି ପହଣ୍ଡି। ବିବାଦ ଯୋଗୁ ପହଣ୍ଡ କରାଉଥିବା ସେବାୟତମାନେ ଠାକୁରଙ୍କୁ ରଥ ଉପରେ ଛାଡି ଘରକୁ ପଳାଇଗଲେ। ଦୀର୍ଘ ସମୟ ଧରି ତିନି ଠାକୁର ରଥ ଉପରେ ରହିଲେ।

## ରାଜଧାନୀରେ ମହିଳାଙ୍କ ହାଇଡ୍ରାମା, ମୁଖ୍ୟମନ୍ତ୍ରୀଙ୍କ କାର୍‌କେଡ୍‌କୁ ଅଟକାଇଲେ



ଭୁବନେଶ୍ୱର,୯ ।୭(ପି.ଏନ): ରାଜଧାନୀ ଭୁବନେଶ୍ୱରର ବିଚ୍ ରାସ୍ତାରେ ଜଣେ ମହିଳା ହାଇଡ୍ରାମା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍‌କେଡ୍‌କୁ ପଶି ଆସିଲେ। ଆଉ ପ୍ରତିବାଦ କରିଥିଲେ। ତେବେ ପ୍ରତିବାଦ କରିଥିବା ମହିଳା କିଏ ଓ କ'ଣ ପାଇଁ କାର୍‌କେଡ୍‌କୁ ପଶି ଆସିଲେ, ତାହା ଜଣାପଡି ନାହିଁ। ପୁଲିସ୍ ମହିଳାଙ୍କୁ ଅଟକ ରଖି ପଚରାଉଚରା କରୁଛି। ଆଜି ଭିଏସ୍‌ଏସ୍ ନଗରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଥିଲା। ସେଠାରେ ଯୋଗଦେବାକୁ ଯାଇଥିଲେ ମୁଖ୍ୟମନ୍ତ୍ରୀ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଫେରୁଥିବା ବେଳେ ରସୁଲଗଡ ଓଭରବ୍ରିଜ୍ ତଳେ ମୁଖ୍ୟମନ୍ତ୍ରୀଙ୍କ କାର୍‌କେଡ୍‌କୁ ପଶି ଆସିଥିଲେ ଜଣେ ମହିଳା। ଓଭରବ୍ରିଜ୍ ତଳେ ମହିଳା ଜଣକ ପାଇଲଟିଂ କାର୍ ଆଗକୁ ପଳାଇ ଆସିଥିଲେ। ପୁଲିସ କର୍ମଚାରୀମାନେ ତାଙ୍କୁ ଅଟକାଇଥିଲେ। ହେଲେ ମହିଳା ଜଣକ ପୁଲିସ୍ କର୍ମଚାରୀଙ୍କ ସହିତ ଠେଲାପେଲା କରିଥିଲେ। ପରେ ପୁଲିସ୍ କର୍ମଚାରୀମାନେ ତାଙ୍କୁ କାବୁ କରିନେଇଥିଲେ। ହେଲେ ମହିଳାଙ୍କ ପରିଚୟ ମିଳିପାରି ନାହିଁ।

## କୃଷି ଓ କୃଷକଙ୍କ ବିକାଶ ପାଇଁ ସଂକଳ୍ପବଦ୍ଧ ବିଜେପି ସରକାର: ମନମୋହନ ସାମଲ



ଭୁବନେଶ୍ୱର,୯ ।୭(ପି.ଏନ): ନୟାଗଡ ଜିଲାର ବହୁ ପ୍ରତୀକ୍ଷିତ "ବୃତଙ୍ଗ ଜଳସେଚନ ପ୍ରକଳ୍ପ"କୁ ମୋଦି ସରକାର ମଞ୍ଜୁରି ପ୍ରଦାନ କରିଛନ୍ତି । ଏହି ପ୍ରକଳ୍ପ ନିର୍ମାଣ ପାଇଁ ଜଙ୍ଗଲ ଓ ଜଳବାୟୁ ପରିବର୍ତନ ମନ୍ତ୍ରଣାଳୟ ଅନୁମତି ଦେଇଛି । ଫଳରେ ନୟାଗଡବାସୀଙ୍କ ୩୦ ବର୍ଷର ଆଶା ଓ ଆଙ୍କାକ୍ଷା ପୂରଣ ହେବ । ଏହା କୃଷକଙ୍କ ପାଇଁ ବରଦାନ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ଏନେଇ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏବଂ ପରିବେଶ, ଜଳବାୟୁ ପରିବର୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ କୃତଜ୍ଞତା ଜଣାଇବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଶ୍ରୀ ସାମଲ ଧନ୍ୟବାଦ ଦେଇଛନ୍ତି ।ଶ୍ରୀ ସାମଲ କହିଛନ୍ତି, ବିଜେଡି ସରକାର ଗତ ୨୪ ବର୍ଷ ଶାସନ ମଧ୍ୟରେ ଯାହା କରିପାରି ନ ଥିଲା ବିଜେପି ସରକାରକୁ ଆସିବାର ମାସକ ଭିତରେ ତାହା କରିବାକୁ ସକ୍ଷମ ହୋଇଛି । ନୟାଗଡ ଜିଲାର କୃଷକମାନେ ଦୀର୍ଘ ବର୍ଷ ହେବ ଚାଷ କାର୍ଯ୍ୟବେଳେ ବହୁ ସମସ୍ୟା ଭୋଗୁଥିଲେ । ଜଳସେଚନର ସୁବନ୍ଦୋବସ୍ତ ନ ଥିବାରୁ ଖରାଦିନେ ଗଜା ମରୁଡି ଭଳି ପରିସ୍ଥିତି ସୃଷ୍ଟି ହେଉଥିଲା । ଅପରପକ୍ଷେ ପାନୀୟ ଜଳ ପାଇଁ ମଧ୍ୟ ଜିଲାବାସୀ ଅସୁବିଧା ଭୋଗୁଥିଲେ । ଏବେ ଏସବୁ ସମସ୍ୟା ଦୂର ହେବ ବୋଲି ଆଶାକରି ଚାଷୀ ଓ ଜନସାଧାରଣଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି ।ବିଜେପି ସରକାର କୃଷି ଓ କୃଷକଙ୍କ ବିକାଶ ପାଇଁ ସଂକଳ୍ପବଦ୍ଧ । ୧୫୨୪.୧୭ ହେକ୍ଟର ଅଂଚଳ ଜଙ୍ଗଲ ଜମିକୁ ମୋଦି ସରକାର ଅନୁମତି ଦେବା ଯୋଗୁଁ ୨୩ ହଜାର ୩୦୦ ହେକ୍ଟର ଜମି ଜଳସେଚିତ ହୋଇପାରିବ । ଖୁବ୍‌ଶୀଘ୍ର ବୃତଙ୍ଗ ଜଳସେଚନ ଯୋଜନା ଆରମ୍ଭ ହେବ ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହେବ । ଏହାଦ୍ୱାରା ନୟାଗଡ ଜିଲାର ହଜାର ହଜାର କୃଷକ ଉପକୃତ ହୋଇପାରିବେ । ପାନୀୟ ଜଳର ମଧ୍ୟ ସୁବନ୍ଦୋବସ୍ତ ହୋଇପାରିବ । ଫଳରେ ଜିଲାରେ କୃଷି କ୍ଷେତ୍ରରେ ବିକାଶ ହେବା ସହ କୃଷକଙ୍କ ଆର୍ଥିକ ବିକାଶରେ ସହାୟକ ହୋଇପାରିବ । ଅଧପନ୍ତରିଆ ହୋଇ ପଡିରହିଥିବା ସମସ୍ତ ଜଳସେଚନ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ସହ ଆବଶ୍ୟକସ୍ଥଳେ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ନୂତନ ଜଳସେଚନ ପ୍ରକଳ୍ପ ନିର୍ମାଣକୁ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ସାମଲ କହିଛନ୍ତି।

## ଆଜି ଆଡ଼ପ ମଣ୍ଡପକୁ ବିଜେ କରିବେ ଶ୍ରୀଜିଉ: ଗର୍ଭଗୃହରେ ଶୀତତାପ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା



ପୁରୀ,୯ ।୭(ପି.ଏନ) : ଆଜି ଗୁଣ୍ଡିଚା ମନ୍ଦିରର ଆଡପ ମଣ୍ଡପକୁ ବିଜେ କରିବେ ଶ୍ରୀଜିଉ। ସନ୍ଧ୍ୟା ଧୂପ ଶେଷ ହେବା ପରେ ଚାରମାଳ ବନ୍ଧାଯିବ ଏବଂ ଜନ୍ମବେଦୀକୁ ପହଣ୍ଡିରେ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି। ମଦନ ମୋହନ, ରାମକୃଷ୍ଣ, ଶ୍ରୀ ସୁଦର୍ଶନ, ବଡଭାଇ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶେଷରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଗୋଟି ପହଣ୍ଡିରେ ଆଡପ ମଣ୍ଡପ ବିଜେ କରିବେ ।ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ବେଳେ ଶ୍ରଦ୍ଧାଳୁମାନେ କିଭଳି ସୁବିଧାରେ ଦର୍ଶନ କରିବେ ସେ ନେଇ ବିଶେଷ ଗୁରୁତ୍ୱ ଦିଆଯାଇଛି। ଗର୍ଭଗୃହରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା କରାଯାଇଛି ।ଅନ୍ୟପକ୍ଷରେ ଆଜିଠୁ ଶ୍ରୀମନ୍ଦିର ଗର୍ଭଗୃହର ଆବଶ୍ୟକୀୟ ମରାମତି ପାଇଁ ଶ୍ରୀମନ୍ଦିର ବୈଷୟିକ କମିଟି ସଦସ୍ୟଙ୍କ ସହ ପ୍ରତ୍ନତତ୍ତ୍ୱ ବିଭାଗ ଅଧିକାରୀ ଯାଞ୍ଚ କରିବେ। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ରଥଯାତ୍ରା ସମୟରେ ଏହି ଯାଞ୍ଚ ଓ ଆବଶ୍ୟକ ସ୍ଥଳେ ମରାମତି କାର୍ଯ୍ୟ କରାଯିବ। ଅଧରପଣା ନୀତି ପୂର୍ବରୁ ଏହି ପ୍ରକ୍ରିୟାକୁ ସାରିବାକୁ ଲକ୍ଷ୍ୟ ରଖାଯାଇଥିବା କହିଛନ୍ତି ଶ୍ରୀମନ୍ଦିର ବୈଷୟିକକମିଟିର କାର୍ଯ୍ୟକାରୀ ସଭାପତି ତଥା ପୂର୍ତ୍ତ ବିଭାଗ ଇଞ୍ଜିନିୟର ମୁଖ୍ୟ ଡକ୍ଟର ଏନ୍.ସି.ପାଲ୍।

## ଚଞ୍ଚଳା ମାଉସୀ ୭୦ ପାର; ମିଳୁନି ଭତ୍ତା, ମିଳିଲାନି ଘର



ଭୁବନେଶ୍ୱର,୯ ।୭(ପି.ଏନ): ଚଞ୍ଚଳା ମାଉସୀ ୭୦ ପାର କଲେଣି। ଅର୍ଥାତ ବାର୍ଦ୍ଧକ୍ୟରେ ପଦାର୍ପଣ କଲେ ଚଞ୍ଚଳା ମାଉସୀ। ହେଲେ ଦୁଃଖର ବିଷୟ ଦିବ୍ୟାଙ୍ଗ ହୋଇଥିଲେ ସୁଦ୍ଧା ଆଜିପର୍ଯ୍ୟନ୍ତ ତାଙ୍କୁ ନା ମିଳୁଛି ଦିବ୍ୟାଙ୍ଗ ଭତ୍ତା ନା ବାର୍ଦ୍ଧକ୍ୟ ଭତ୍ତା। ପରିଣତର ଏ ବୟସରେ ତାଙ୍କୁ କେବଳ ଭତ୍ତା ମିଳିନି, ଖାଦ୍ୟ ସୁରକ୍ଷା ଆଇନ୍ ?ରେ ଚାଉଳ ଓ ଆବାସ ଯୋଜନାରେ ଘର ମଧ୍ୟ ମିଳୁନି। ତେଣୁ ଗୋରୁ ଗୁହାଳ ପରି ଦେଖାଯାଉଥିବା ଭଙ୍ଗାଦଦରା ଘରେ ଦୁଃଖ ଓ ଯନ୍ତ୍ରଣାରେ ଜୀବନ ଅତିବାହିତ କରୁଛନ୍ତି ଚଞ୍ଚଳା ମାଉସୀ। ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ ସଦର ବ୍ଲକ ଅଞ୍ଚଳରୁ ଆସିଛି ଏପରି ଚିତ୍ର ।ବିରବିରା ପଞ୍ଚାୟତର ସାଲେପାଲି ଗାଁର ଭିନ୍ନକ୍ଷମ ଚଞ୍ଚଳା ଭଇଁସା। ବୟସ ୭୦ ବର୍ଷରୁ ଅଧିକ ହେବ। ଅଣ୍ଟା ବାଙ୍କି ଗଲାଣି। ଦେହର ଚମ ସବୁ ଧୁଡଧୁଡି ପଡିଗଲାଣି। ଚାଲିବାକୁ ପାଦରେ ବଳ ନାହିଁ। ତେଣୁ ଘୁଷୁରି ଘୁଷୁରି ଚାଲିଛନ୍ତି। ହେଲେ ଏ ବୟସରେ ତାଙ୍କୁ ଆଜି ପର୍ଯ୍ୟନ୍ତ ମିଳିନି ବାର୍ଦ୍ଧକ୍ୟ ଭତ୍ତାଟିଏ। ଏଥିପାଇଁ ସେ ବହୁବାର ପ୍ରଶାସନ ପାଖରେ ଗୁହାରୀ ମଧ୍ୟ କରିଛନ୍ତି। ମାତ୍ର ତାଙ୍କୁ ସବୁଆଡୁ ନିରାଶ ହେବାକୁ ପଡିଛି। ସବୁଠାରୁ ଦୁଃଖର ବିଷୟ କିଛି ମାସ ତଳେ ଜଣେ ବ୍ୟକ୍ତି ଚଞ୍ଚଳାଙ୍କ ପାଖରେ ପହଞ୍ଚିଥିଲେ। ଆଉ ବାର୍ଦ୍ଧକ୍ୟ ଭତ୍ତା କରାଇଦେବେ ବୋଲି କହି ତାଙ୍କଠାରୁ ଆଧାରକାର୍ଡ ନେଇଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ସେ ତାଙ୍କୁ ଆଧାରକାର୍ଡ ଫେରାଇଲେ ନାହିଁ। ତେଣୁ ଏବେ ତାଙ୍କ ପାଖରେ ନାହିଁ ଆଧାର କାର୍ଡ।

## ରାଜ୍ୟ କାର୍ଯ୍ୟାଳୟ ପରିଦର୍ଶନରେ ରାଷ୍ଟ୍ରୀୟ ସାଧାରଣ ସଂପାଦକ ଶ୍ରୀ ଅରୁଣ ସିଂହ



ଭୁବନେଶ୍ୱର,୯ ।୭(ପି.ଏନ): ଓଡିଶାରେ ନିର୍ବାଚନ ସରିଛି ଓ ବିଜେପି ଏକାକି ସରକାର ଗଠନ କରିଛି । ଏହି ନିର୍ବାଚନରେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତାମାନେ ଅକ୍ଲାନ୍ତ ପରିଶ୍ରମ କରିଥିଲେ, ସେମାନଙ୍କ ଉଦ୍ୟମ ଯୋଗୁଁ ଓଡିଶାରେ ବିଜେପି ପ୍ରଥମ ଥର ପାଇଁ ଏକାକି ସରକାର ଗଠନ କରିବାକୁ ସକ୍ଷମ ହୋଇଛି । ଏବେ ଓଡିଶାରେ "ଡବଲ ଇଞ୍ଜିନ" ସରକାର ହୋଇଛି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଓ ମାର୍ଗଦର୍ଶନରେ ଓଡିଶା ଖୁବଶୀଘ୍ର ଦେଶର ଏକ ନମ୍ବର ରାଜ୍ୟରେ ପରିଣତ ହେବ । ଓଡିଶାର ବିକାଶ ପାଇଁ ମୋଦିଜୀ ସର୍ବଦା ବଦ୍ଧପରିକର ଅଛି ବୋଲି ପୂର୍ବତନ ରାଜ୍ୟ ପ୍ରଭାରୀ ତଥା ରାଷ୍ଟ୍ରୀୟ ସାଧାରଣ ସଂପାଦକ ଶ୍ରୀ ଅରୁଣ ସିଂହ କହିଛନ୍ତି । ଶ୍ରୀ ସିଂହ କହିଛନ୍ତି ଯେ, ତୃଣମୂଳସ୍ତରରେ ପାର୍ଟିକୁ ଅଧିକ ସୁଦୃ? କରିବା ପାଇଁ ଉଦ୍ୟମ ଜାରି ରହିଛି । କାର୍ଯ୍ୟକର୍ତା ଓ ନେତାମାନେ ଉତ୍ସାହର ସହ କାର୍ଯ୍ୟ କରୁଛନ୍ତି ଓ ଓଡିଶାବାସୀଙ୍କ ସେବାରେ ମନନିବେଶ କରିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନହିତକର ଯୋଜନାଗୁଡିକ ଓଡିଶାର ଘରେ ଘରେ ପହଂଚାଇବାକୁ ଶ୍ରୀ ସିଂହ କାର୍ଯ୍ୟକର୍ତାମାନଙ୍କୁ ପରାମର୍ଶ ଦେଇଛନ୍ତି । ଗତକାଲି ଶ୍ରୀ ସିଂହ ପୁରୀ ଯାଇ ରଥାରୁଢ ମହାପ୍ରଭୁ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ । ଆଜି ରାଜ୍ୟ କାର୍ଯ୍ୟାଳୟରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ସମେତ ଅନେକ ବରିଷ୍ଠ ଓ ପୁରାତନ ନେତା, କର୍ମୀଙ୍କୁ ଭେଟି ସଂଗଠନ ବିଷୟରେ ଆଲୋଚନା କରିଛନ୍ତି।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଲକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଙ୍କ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତୃ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ବିହାର ମେଂଟ ପ୍ରତି ଚ୍ୟାଲେଞ୍ଜ



ବିହାରରେ ପୁଣି ନୀତିଶ ତେଜସ୍ୱୀ ଯୁଗ ଆରମ୍ଭ ହୋଇଛି। ବିଧାନସଭାରେ ଅନୁଷ୍ଠିତ ଆସ୍ଥା ଭୋଟରେ ଆରଜେଡି ଜେଡିୟୁ ସରକାର ବହୁ ଭୋଟରେ ବିଜୟୀ ହୋଇଛି। କହିବା ବାହୁଲ୍ୟ ଯେ, ତଥା ଗତ ଆଠ ବର୍ଷ ମଧ୍ୟରେ କେନ୍ଦ୍ରରେ କ୍ଷମତାସୀନ ବିଜେପି କର୍ଣ୍ଣାଟକଠାରୁ ଆରମ୍ଭ କରି ମହାରାଷ୍ଟ୍ର ପର୍ଯ୍ୟନ୍ତ ବହୁ ବିରୋଧିଦଳ ସରକାର ବିଭାଜନ ଘଟାଇ କ୍ଷମତା ଦଖଲ କରିଥିବାବେଳେ ପ୍ରଥମ ଥର ପାଇଁ ବିହାରରେ ବିଜେପି ମେଂଟ ସରକାରଙ୍କୁ ଭାଙ୍ଗି ଜେଡିୟୁ-ଆରଜେଡି ମେଂଟ କ୍ଷମତାସୀନ ହୋଇଛି। ସ୍ମରଣଯୋଗ୍ୟ ଯେ, ଅତୀତରେ ଅର୍ଥାତ୍ ତିନିବର୍ଷ ତଳେ ଜେଡିୟୁ-ଆରଜେଡି ମେଂଟ ସରକାରର ପତନ ଘଟି ବିଜେପି-ଜେଡିୟୁ ସରକାର କ୍ଷମତାସୀନ ହୋଇଥିଲା। ଉଲ୍ଲେଖ କରାଯାଇପାରେ ଯେ, ନବଗଠିତ ଜେଡିୟୁ-ଆରଜେଡି ମେଂଟ ସରକାର ବିଧାନସଭାରେ ଆସ୍ଥା ଭୋଟରେ ବହୁ ଭୋଟରେ ବିଜୟୀ ହୋଇଥିବା ସତ୍ୱେ ପ୍ରକୃତ ରାଜନୈତିକ ଶକ୍ତି ପରୀକ୍ଷା ଏବେଠାରୁ ଆରମ୍ଭ ହୋଇଛି ବୋଲି କୁହାଯିବ। ଏହା ନିଶ୍ଚିତ ଯେ, କେନ୍ଦ୍ର ସହ ଗୋଟିଏ ପରେ ଗୋଟିଏ ରାଜ୍ୟରେ କ୍ଷମତା ଅକ୍ତିଆର କରି ଚାଲିଥିବା ବିଜେପି ବିହାରରେ କ୍ଷମତାଚ୍ୟୁତ ହେବାପରେ ନୀରବରେ ବସି ରହିପାରିବ ନାହିଁ। ଏହା ବିଧାନସଭାରେ ଶକ୍ତି ପରୀକ୍ଷା ଦିନ ହିଁ ସଂକେତ ପ୍ରଦାନ କରିଛି। ବିଧାନସଭାରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଆସ୍ଥା ପରୀକ୍ଷା ଦେଉଥିବା ବେଳେ ଅନ୍ୟପଟେ ୟୁପିଏର ପ୍ରଥମ ପାଳି ସରକାରରେ ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ରେଳବାଇ ମନ୍ତ୍ରୀ ଥିବାବେଳେ ବହୁଚର୍ଚ୍ଚିତ ଲ୍ୟାଣ୍ଡ ଫର ଜବସ୍ (ଜମି ପାଇଁ ନିଯୁକ୍ତି) ଦୁର୍ନୀତି ମାମଲାରେ ସିବିଆଇ ଆରଜେଡିର କେତେକ ନେତାଙ୍କ ବାସଭବନରେ ଚଢାଉ କରିଥିଲା। ସିବିଆଇ ଚଢାଉର ସମ୍ମୁଖୀନ ହୋଇଥିବା ନେତାଙ୍କ ମଧ୍ୟରୁ କିଏ ଅପରାଧୀ, କିଏ ନିର୍ଦ୍ଦୋଷ, ତାହା ଭବିଷ୍ୟତରେ ଆଇନ କହିବ। ତେବେ ବିରୋଧୀଙ୍କ ବିରୁଦ୍ଧରେ ଚଢାଉ ଯେଉଁ ସମୟରେ ହୋଇଛି ବା ବିରୋଧୀଙ୍କୁ ଟାର୍ଗେଟ ଯେଉଁ ସମୟରେ କରାଯାଇଛି, ସେଥିରୁ ବିଜେପି କେତେ ପ୍ରତିଶୋଧ-ପରାୟଣ, ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ। କେବଳ ନୀତିଶଙ୍କ ନେତୃତ୍ୱରେ ପରିଚାଳିତ ମହାଗଠବନ୍ଧନ ସରକାର ନୁହେଁ, ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ପ୍ରତି ମଧ୍ୟ ପ୍ରତିଶୋଧପରାୟଣ କାର୍ଯ୍ୟାନ୍ୱୟନ ବଢିବା କିଛି ଅସ୍ୱାଭାବିକ ନୁହେଁ।

ତେବେ ତିନୋଟି ଚ୍ୟାଲେଞ୍ଜ ଏବେ ଜେଡିୟୁ-ଆରଜେଡି ସରକାରଙ୍କ ପ୍ରତି ରହିଛି। ଏହାକୁ ମୁକାବିଲା କରିବା ପାଇଁ ଉଭୟ ଦଳ ପ୍ରଥମତଃ ଏକ ଏବଂ ଏକମନ, ଏକପ୍ରାଣ ହୋଇ ରହିବା ଜରୁରୀ। ସେହିପରି ଯେଉଁସବୁ ଅଂଚଳରେ ଯେଉଁ ଦଳର ପ୍ରଭାବ ରହିଛି, ସେଠାରେ ପରସ୍ପର ସହ ବୁଝାମଣା କରିବାକୁ ହେବ। ତୃତୀୟଟି ହେଉଛି ବିହାରର ଜନସାଧାରଣଙ୍କ ହୃଦୟ ଜିତିବା ପାଇଁ ସୁଶାସନ ଏବଂ ଜନହିତକର କାର୍ଯ୍ୟକ୍ରମ ହାତକୁ ନେବା। ଏହା ସତ୍ୟ ଯେ, ଉଭୟ ଦଳ ପୁରୁଣା ମଣ୍ଡଳ ଦଳ ତଥା ଜନତାଦଳରୁ ଆସିଥିବା ଯୋଗୁ ବିହାରରେ ବିଜେପିର ଏକ ଶକ୍ତିଶାଳୀ ବିକଳ୍ପ ଭାବେ ଉଭା ହୋଇଛି। ଅତୀତରେ ୨୦୧୫ ବିଧାନସଭା ନିର୍ବାଚନରେ ଜେଡିୟୁ- ଆରଜେଡି ମେଂଟ ବିଜେପିକୁ ଧୂଳି ଚଟାଇ ବିହାରରେ କ୍ଷମତାସୀନ ହୋଇଥିଲା। ଉଭୟ ଦଳର ସାମାଜିକ ସ୍ଥିତି ସମାନ ଥିବା ବେଳେ ଆଦର୍ଶଗତ ସାମଞ୍ଜସ୍ୟ ମଧ୍ୟ ରହିଛି। ୨୦୧୫ରେ ମେଂଟ ସରକାର ଦୁଇବର୍ଷ ସୁରୁଖୁରୁରେ କାର୍ଯ୍ୟ କରିଥିବାବେଳେ ଦୁର୍ନୀତିକୁ ନେଇ ମେଂଟ ଭାଙ୍ଗି ଯାଇଥିଲା। ପୂର୍ବରୁ ସମସ୍ତ ତିକ୍ତତା, ମାନ, ଅଭିମାନକୁ ଭୁଲି ଉଭୟ ଦଳ ଏକତ୍ର କାର୍ଯ୍ୟ କରିବା ଉଚିତ୍। ଯାହାକି ବିଜେପିର ଯଥାର୍ଥ ମୁକାବିଲା କରିପାରିବ। ସେହି ଯେଉଁ ଅଂଚଳରେ ଯେଉଁ ଦଳର ପ୍ରଭାବ ରହିଛି, ସେଠାରେ ଉଭୟ ଦଳର ନେତା ଓ କର୍ମୀମାନେ ମିଳିମିଶି କାର୍ଯ୍ୟ କରିପାରିଲେ, କେବଳ ମେଂଟ ସୁଦୃଢ ହେବନାହିଁ, ଜନସାଧାରଣଙ୍କର ମଧ୍ୟ ହିତ ସାଧନ ହୋଇପାରିବ। ଏହା ସତ୍ୟ ଯେ, ନୀତିଶ କୁମାରଙ୍କ ନିର୍ମଳ ଭାବମୂର୍ତ୍ତି ତାଙ୍କୁ ଜଣେ ଜାତୀୟସ୍ତରର ନେତାଭାବେ ପ୍ରତିଷ୍ଠିତ କରିଥିବା ବେଳେ ତେଜସ୍ୱୀଙ୍କ ପ୍ରତି ଯୁବଗୋଷ୍ଠୀର ଆକର୍ଷଣ ବଢିବାରେ ଲାଗିଛି। ନିକଟରେ ନବନିଯୁକ୍ତ ମନ୍ତ୍ରୀମାନଙ୍କୁ ନୂଆ ଗାଡି ନ କିଣିବା, କାହାରିକୁ ପାଦ ଛୁଇଁବାକୁ ନଦେବା ପାଇଁ ତେଜସ୍ୱୀ ଯେଉଁ ପରାମର୍ଶ ଦେଇଛନ୍ତି, ତାହା ପ୍ରଣିଧାନଯୋଗ୍ୟ। ତେବେ ମୁଖ୍ୟ ଚ୍ୟାଲେଞ୍ଜ ହେଉଛି ବିହାରରେ ବେକାରୀ ସମସ୍ୟା ବୃଦ୍ଧି। ବେକାର ଯୁବକ-ଯୁବତୀଙ୍କୁ କର୍ମନିଯୁକ୍ତି ଯୋଗାଇଦେବା ପାଇଁ

# ଶକ୍ତି ଉପାସନାର ସ୍ଥଳ ତୀର୍ଥରାଜ ପ୍ରୟାଗ

ପୁଣ୍ୟଭୂମି ଭାରତ ବର୍ଷର ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ସାରା ଭାରତରେ ଶକ୍ତିଙ୍କର ଅସଂଖ୍ୟ ଉପାସନା ଓ ଅର୍ଚ୍ଚନା ସ୍ଥଳୀ ରହିଛି। ସେଗୁଡ଼ିକ ମଧ୍ୟରେ ତୀର୍ଥରାଜ ପ୍ରୟାଗ ଶକ୍ତି ଉପାସନାର ପ୍ରମୁଖ ସ୍ଥଳ ଭାବରେ ପରିଚିତ। ମୁଖ୍ୟତଃ ୫୧ ଟି ମହାପୀଠର ବିଶେଷ ଗୁରୁତ୍ୱ ରହିଛି।

ହିନ୍ଦୁ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ମା' ଶକ୍ତିଙ୍କୁ ନିଜର ଝିଅ(ସତୀ) ରୂପରେ ପାଇବା ପରେ ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଦକ୍ଷରାଜଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ଏକ ଯଜ୍ଞର ଆୟୋଜନ କଲେ। ଝିଅ ମାତା ସତୀ ଓ ଜ୍ୱାଇଁ ଭଗବାନ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ମାତା ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚିଲେ। ଦକ୍ଷ ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଭଗବାନ ଶିବ ଏ ଖବର ଜାଣି ସେଠାରେ ପହଂଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଶିବ ଶାନ୍ତ ହେବେ ନାହିଁ। ସଙ୍ଗେସଙ୍ଗେ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛି ସମୟ ମଧ୍ୟରେ ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ବିଭିନ୍ନ ସ୍ଥାନରେ ବିଂଚି ହୋଇ ପଡ଼ିଲା। ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ





ଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ତେବେ ପ୍ରୟାଗରେ ଏପରି ୩ଟି ସ୍ଥାନ ରହିଛି, ଯେଉଁ ସ୍ଥାନ ମାନଙ୍କରେ ମାତା ସତୀଙ୍କର ଅଙ୍ଗ ଖଣ୍ଡ ଗୁଡ଼ିକ ପଡ଼ିଥିଲା। ଏଠାରେ ମାତା ଲଳିତା ଦେବୀ, ମାତା କଲ୍ୟାଣୀ ଦେବୀ ଓ ମାତା ଅଲୋପଶଙ୍କରୀ ଦେବୀ ରହିଛନ୍ତି। ଏହି ଶକ୍ତିପୀଠ ଗୁଡ଼ିକରେ ପୂଜା ଏବଂ ଦର୍ଶନ କରିବାକୁ ଦୂରଦୂରାନ୍ତରୁ ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଆସିଥାନ୍ତି। ନବରାତ୍ରରେ ପ୍ରତି ମନ୍ଦିରରେ ବିଶେଷ




ପୂଜା ଓ ଅନୁଷ୍ଠାନ ହୋଇଥାଏ। ଏହି ଉତ୍ସବରେ ପ୍ରତିଦିନ ଶହ ଶହ ଭକ୍ତ ସାମିଲ ହୋଇଥାନ୍ତି।

ଯମୁନା ନଦୀ କୂଳରେ ମୀରପୁର ସ୍ଥିତ ମା' ଲଳିତାଙ୍କ ଏହି ପ୍ରାଚୀନ ମହା ଶକ୍ତିପୀଠ ମନ୍ଦିରରେ ମାତା ସତୀଙ୍କ ହାତର ଅଙ୍ଗୁଳି ପଡ଼ିଥିଲା। ସେହି ସ୍ଥାନରେ ମା'ଭଗବତୀ, ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀ ରୂପରେ ଅଧିଷ୍ଠିତ ଅଛନ୍ତି।

ଏହି ମନ୍ଦିରରେ ପ୍ରବେଶ କରିବା ମାତ୍ରେ ନିଜ ଭିତରେ ଦିବ୍ୟ ଶକ୍ତିର ଅନୁଭବ ହୋଇଥାଏ। ମାତାଙ୍କର ଡ଼ାହାଣ ହାତରେ ସଂକଟ ମୋଚନ ହନୁମାନ, ରାମ, ଲକ୍ଷ୍ମଣ, ସୀତା ଓ ନବଗ୍ରହ ମାନଙ୍କର ଦିବ୍ୟ ମୂର୍ତ୍ତି ମାନ ସ୍ଥାପିତ ହୋଇଛି। ମନ୍ଦିର ଭିତରେ ରାଧା-କୃଷ୍ଣଙ୍କର ଭବ୍ୟ ମୂର୍ତ୍ତି ଗୁଡ଼ିକ ଭକ୍ତ ମାନଙ୍କର ମନ ମୋହିନିଏ। ନବରାତ୍ର ବେଳେ ଫୁଲ ଓ ଅଳଙ୍କାରରେ ମାତାଙ୍କର ଶୃଙ୍ଗାର କରା ଯାଇଥାଏ।

ମାତା ଲଳିତା ଦେବୀଙ୍କ ଭଳି ମାତା କଲ୍ୟାଣୀ ଦେବୀ ମନ୍ଦିରରେ ମଧ୍ୟ ମାତା ସତୀଙ୍କ ଅଙ୍ଗୁଳି ଖଣ୍ଡ ପଡ଼ିଥିଲା। ମତ୍ସ୍ୟ ପୁରାଣର ୧୩ଶ ଅଧ୍ୟାୟରେ ଯେଉଁ ୧୦୮ ପୀଠର ବର୍ଣ୍ଣନା ହୋଇଛି, ସେଥିରେ କଲ୍ୟାଣୀ ଲଳିତାଙ୍କ ନାମ ସର୍ବ ପ୍ରଥମେ ଆସିଛି। ମହର୍ଷି ଯାଜ୍ଞ୍ୟୋଲ୍କ୍ୟ ଆରାଧାନା ପାଇଁ ଏହି ସ୍ଥାନକୁ ପସନ୍ଦ କରିଥିଲେ। ଏଠାରେ ମାତା କଲ୍ୟାଣୀ ଚତୁର୍ଭୁଜ ରୂପରେ ସିଂହ ଉପରେ ବସି ବିଦ୍ୟମାନ ଅଛନ୍ତି। ମୂର୍ତ୍ତିର ଶୀର୍ଷରେ ଆଭାଚକ୍ର ରହିଛି, ମସ୍ତକ ଉପରେ ଯୋନୀ, ଲିଙ୍ଗ ଏବଂ ଫଣୀନ୍ଦ୍ର ଶୋଭା ପାଉଛି। ଦକ୍ଷିଣ ଭାଗରେ ଦେବାଧିଦେବ ମହାଦେବ ଓ ଗଜାନନ ଗଣେଷଙ୍କର ମନୋରମ ପ୍ରତିମା ସ୍ଥାପିତ ହୋଇଛି।

ମାତା ଅଲୋପଶଙ୍କରୀଙ୍କ ଭିତରେ ଲୋପ ହୋଇ ଯାଇଛନ୍ତି। ସଂଗମଠାରୁ କିଛି ଦୂରରେ ଅବସ୍ଥିତ ମାତା ଅଲୋପଶଙ୍କରୀଙ୍କ ପ୍ରାଚୀନ ସିଦ୍ଧପୀଠ ହେଉଛି ମନ୍ଦିର। ପୁରାଣ ଅନୁସାରେ ଏଠାରେ ମାତା ସତୀଙ୍କର ଯେଉଁ ଅଙ୍ଗ ପଡ଼ିଥିଲା, ତାହା ଲୋପ ହୋଇଗଲା। ଏହି କାରଣରୁ ମା'ଭଗବତୀଙ୍କ ପୂଜା ଅଲୋପଶଙ୍କରୀଙ୍କ ରୂପରେ ହୋଇଥାଏ। ନବରାତ୍ର ବ୍ୟତୀତ ସୋମବାର ଓ ଶୁକ୍ରବାର ଏଠାରେ ବିଶାଳ ମେଳା ବସିଥାଏ। ପୁରାଣରେ କ୍ଷମା ମାତାଙ୍କ ମନ୍ଦିର ସଂପର୍କରେ ବ୍ୟାପକ ବର୍ଣ୍ଣନା କରାଯାଇଛି। ଏଠାରେ ମା' ଭଗବତୀ ଚନ୍ଦ୍ରଘଣ୍ଟା ରୂପରେ ଅଧିଷ୍ଠିତ ଅଛନ୍ତି। ସାରା ଦୁନିଆର ଏହା




ଏକମାତ୍ର ମନ୍ଦିର, ଯେଉଁଠି ମା'ଦୁର୍ଗାଙ୍କର ନଅଟି ସ୍ୱରୂପକୁ ଏକ ସଙ୍ଗରେ ଦର୍ଶନ କରାଯାଇ ଥାଏ। ସଚ୍ଚା ହୃଦୟରେ ମା'ଙ୍କ ଦର୍ଶନ ମାତ୍ରେ ହିଁ ମଣିଷକୁ ସମସ୍ତ ମାନସିକ ଓ ଶାରୀରିକ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। ନବରାତ୍ର ବେଳେ ପ୍ରତିଦିନ ଦେବୀଙ୍କର ଭିନ୍ନ ଭିନ୍ନ ସ୍ୱରୂପର ବିଶେଷ ଶୃଙ୍ଗାର କରାଯାଇଥାଏ। ସିଦ୍ଧପୀଠ ବ୍ୟତୀତ ସହରର ମସୁରିଆ ଦେବୀ, ଶୀତଳା ମାତା, ଅଷ୍ଟଭୁଜା ଦେବୀ, କାଳୀ ମାତା ଆଦି ମନ୍ଦିରରେ ପ୍ରତିଦିନ ସକାଳ ଓ ସଂଧ୍ୟାରେ ବସ୍ତ୍ର, ଅଳଙ୍କାର ଓ ଫୁଲରେ ମାତାଙ୍କ ଦିବ୍ୟ ସ୍ୱରୂପର ଶୃଙ୍ଗାର କରାଯାଇ ସାମୁହିକ ଆଳତୀ ହୋଇଥାଏ। ନବରାତ୍ର ଉତ୍ସବ ସମୟରେ ନିଜର ମନୋ କାମନା ପୂରଣ ପାଇଁ ଭକ୍ତ ମାନେ ବ୍ରତ ସହ ଶକ୍ତି ସ୍ୱରୂପା ମା' ଭଗବତୀଙ୍କ ଆରାଧନା କରିଥାନ୍ତି। ଯଦ୍ୱାରା ଭକ୍ତମାନଙ୍କର ମନୋସ୍କାମନା ଅତିଶୀଘ୍ର ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ଜାତୀୟ ପତାକାର ଅପବ୍ୟବହାର ଓ ଅବମାନନାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା କଂଗ୍ରେସ

ଭୁବନେଶ୍ୱର (ପିଏନ୍)-ଜାତୀୟ ପତାକାକୁ ସମ୍ମାନ କରିବା ଏବଂ ଜାତୀୟ ପତାକାର ମାନ ଓ ଗୌରବକୁ ରକ୍ଷା କରିବା ହେଉଛି ପ୍ରତ୍ୟେକ ଭାରତୀୟ ନାଗରିକଙ୍କର ପରମ କର୍ତବ୍ୟ। ଏହାହିଁ ଭାରତୀୟ ସମ୍ବିଧାନ ପ୍ରତି ଆମର ନିଷ୍ଠା। ସମ୍ବିଧାନର ଧାରା ୫୧-ଏ ରେ ଏହା ସିଧାସଳଖ କୁହାଯାଇଥିଲେ ମଧ୍ୟ କଟକ ଇଣ୍ଡୋର ଷ୍ଟାଡିୟମରେ ପ୍ରଜାତନ୍ତ୍ରର ପ୍ରତିଷ୍ଠା ଉତ୍ସବରେ ଖୋଦ କେନ୍ଦ୍ର ଗୃହମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ ସାଂସଦ ଓ ଉଭୟ ଦଳର ତୃଙ୍ଗ ନେତୃବୃନ୍ଦ ଉପସ୍ଥିତ ଥାଇ ମଧ୍ୟ ଭାରତର ଜାତୀୟ ପତାକାର ଅପବ୍ୟବହାର ହେବା ସହିତ ଜାତୀୟ ପତାକାକୁ ଅପମାନିତ କରାଯାଇଥିଲା ବୋଲି କଂଗ୍ରେସ ଭବନରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀ ପଂଚାନନ କାନୁନଗୋ କହିଥିଲେ। ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ ଅବସରରେ ଖୋଦ୍ ପ୍ରଧାନମନ୍ତ୍ରୀ ଘର ଘର ମେ ତ୍ରିରଙ୍ଗା ଉଡ଼ିବାର ବାର୍ତା ଦେଉଥିଲା ବେଳେ ଖୋଦ କେନ୍ଦ୍ର ଗୃହମନ୍ତ୍ରୀ ଏବଂ ଶିକ୍ଷାମନ୍ତ୍ରୀଙ୍କ ସମ୍ମୁଖରେ ଜାତୀୟ ପତାକାକୁ ବ୍ୟାଗ କରି ଖାଦ୍ୟ ପୁଡ଼ିଆ ବୁହାଯାଉଥିଲା। ସଭାଗୃହରେ ବହୁ ସ୍ଥାନରେ ଜାତୀୟ ପତାକା ତଳେ ପଡ଼ିରହିଥିବାର ଚିତ୍ର ସମସ୍ତ ସାମାଜିକ ଗଣମାଧ୍ୟମ ଓ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରଚାରିତ ହେଲାପରେ ମଧ୍ୟ ନା କେନ୍ଦ୍ର ସରକାର ନା ରାଜ୍ୟ ସରକାର କେହି ଏହା ବିରୋଧରେ ପଦୁଟିଏ ଉଚ୍ଚାରଣ କଲେ ନାହିଁ। ଏହା ଜାତୀୟ ପତାକା ସମ୍ମାନ ନିୟମ ୧୯୭୧ ଉପଧାରା-୨କୁ ସଂପୂର୍ଣ୍ଣ ଉଲଙ୍ଘନ କରୁଥିଲା ବେଳେ କାହିଁକି ଖୋଦ୍ ମୁଖ୍ୟମନ୍ତ୍ରୀ, ସାଂସଦ ଓ କେନ୍ଦ୍ରମନ୍ତ୍ରୀ ଅମିତ ଶାହା, ଧର୍ମେନ୍ଦ୍ର ପ୍ରଧାନ ଚୁପ ରହିଲେ। ଯେହେତୁ ଦୀର୍ଘ ୫୨ ବର୍ଷ ଧରି ଜାତୀୟ ପତାକାକୁ ଆରଏସଏସ ନିଜ କାର୍ଯ୍ୟାଳୟରେ ଉଡ଼ାଇନାହିଁ ସେହିଦୃଷ୍ଟିରୁ କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଓ ଧର୍ମେନ୍ଦ୍ର ପ୍ରଧାନ ଚୁପ ରହି ତାଙ୍କର ଇଚ୍ଛାକୁ ପୂରଣ କଲେ କି? ପ୍ରଦେଶ କଂଗ୍ରେସ ରାଜ୍ୟ ସରକାରଙ୍କ ପାଖରେ ଦାବି କରୁଛି ଯେ ଯେଉଁମାନଙ୍କର ଫଟୋ ଜାତୀୟ ପତାକାକୁ ଅବମାନନା କରୁଥିବାର ଉତୋଳିତ ହୋଇଛି ଏବଂ ଯେଉଁ ପଦାଧିକାରୀ ଓ ନେତୃବୃନ୍ଦ ଜାତୀୟ ପତାକାକୁ ଖାଦ୍ୟ ପୁଡ଼ିଆ ବ୍ୟାଗ କରି ଦେଇଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଏବଂ ଗିରଫ କରି ଜେଲ ପଠାଯାଉ। ତତ୍ସହିତ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ରଜନୀ କୁମାର ମହାନ୍ତି, ଶ୍ରୀ ମନୋରଞ୍ଜନ ଦାଶ ଓ ସାମାଜିକ ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଶ୍ରୀ ଅଭିଷେକ ମହାନନ୍ଦ ଉପସ୍ଥିତ ଥିଲେ।

## ରାଖୀ ହେଉ ସବୁଜ ସମ୍ପର୍କର ସାକ୍ଷୀ

ଭୁବନେଶ୍ୱର (ପିଏନ୍): ସ୍ମାର୍ଟ ନଗରୀ ଭୁବନେଶ୍ୱର ପୋଖରୀପୁଟର ଇନ୍ଦ୍ରପ୍ରସ୍ଥ ଫେଜ୍-୨ଠାରେ କିଛି ପରିବେଶ ଓ ବୃକ୍ଷପ୍ରେମୀ ଏକାଠି ହୋଇ ଏକ ଭିନ୍ନ ଢଙ୍ଗରେ ରକ୍ଷାବନ୍ଧନ ଉତ୍ସବକୁ ପାଳନ କରିଛନ୍ତି। ପରିବେଶ ଅନୁକୂଳ ରଙ୍ଗ, ବେରଙ୍ଗ ସୂତାକୁ ବ୍ୟବହାର କରି ସେଥିରେ ଗୋଟିଏ ଆକର୍ଷଣୀୟ ରାଖୀ ତିଆରି କରି ସମ୍ପର୍କର ବନ୍ଧନ ସହିତ ଗଛରେ ରାଖୀ ବାନ୍ଧିବା ସହ ସିନ୍ଦୁର, ଚନ୍ଦନ ଫୁଲ ଲଗାଇ ସାରା ବିଶ୍ୱକୁ ପ୍ରକୃତିର ବନ୍ଦନା କରିବାର ଏକ ନିଆରା ବାର୍ତ୍ତା ଦେଇଛନ୍ତି। ବୃକ୍ଷପ୍ରେମୀମାନେ ଏ ସମ୍ପର୍କରେ କୁହନ୍ତି ରକ୍ଷାବନ୍ଧନ ହେଉଛି ଅତୁଟ ସମ୍ପର୍କର ନିବିଡ଼ ବନ୍ଧନ। ଜନ୍ମ ଜନ୍ମକୁ ବାନ୍ଧି ହେବାର ଏକ ଅତୁଟ ପ୍ରେମର ନିଛକ ସ୍ପନ୍ଦନ। ସେହିପରି ଗଛ ସହ ଆମର ସମ୍ପର୍କ ଏହିପରି ରହିବା ଦରକାର। ଗଛ ଯେପରି ଏନ୍ତୁଡ଼ିଶାଳରୁ ଶଶ୍ମାନ ପର୍ଯ୍ୟନ୍ତ ନିଃସ୍ୱାର୍ଥପର ଭାବେ ଆମ୍ଭକୁ ସୁରକ୍ଷା ଦେଇଥାଏ, ଠିକ୍ ସେହିପରି ଆମ୍ଭେମାନେ ମଧ୍ୟ ଗଛ ପ୍ରତି ସେମିତି କର୍ତ୍ତବ୍ୟ ସମ୍ପାଦନ କରି ତା'ରି ସୁରକ୍ଷା ଦେବା ସମସ୍ତଙ୍କ ପାଇଁ ଆଜିର ଦିବସରେ ସଂକଳ୍ପ ହେଉ ବୋଲି ବୃକ୍ଷପ୍ରେମୀ ମାନେ ଆଶା ପ୍ରକଟ କରିଥିଲେ। ପରିବେଶବିତ୍ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରଫେସର ଓ ଚଳଚ୍ଚିତ୍ର ଅଭିନେତା ଡ. ଜ୍ଞାନେନ୍ଦ୍ର କୁମାର ପଲାଇ, ସାଇ ସେବକ ନାରାୟଣ ପ୍ରଧାନ, ବୃକ୍ଷପ୍ରେମୀ ପ୍ରିୟବ୍ରତ ପଣ୍ଡା, ରାଧାଚରଣ ସାହୁ, ଚିତ୍ରଶିଳ୍ପୀ ସୁସ୍ମିତାରାଣୀ ରାଉତ, ଅନସୂୟା ସାହୁ ଏବଂ କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ପ୍ରମୁଖ ଗଛରେ ରାଖି ବାନ୍ଧିବା ସହ ତା'ର ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ। ଭାଇ-ଭଉଣୀଙ୍କ ସମ୍ପର୍କ ଭଳି ମଣିଷ ଓ ବୃକ୍ଷର ସମ୍ପର୍କ ଅତୁଟ ହେବା ଦରକାର ଏବଂ ରାଖୀ ସବୁଜ ସମ୍ପର୍କର ସାକ୍ଷୀ ହେଉ ବୋଲି ଶ୍ରୀ ସାହୁ ଏହି ଅବସରରେ କହିଥିଲେ।

## ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ବଳିଦାନ ଦିବସ



ଖୋର୍ଦ୍ଧା (ପିଏନ୍)-ପାଇକ ବିଦ୍ରୋହର ମହାନାୟକ ବକ୍ସି ଜଗବନ୍ଧୁଙ୍କ ସହଯୋଗୀ ମହାନବୀର ପଣ୍ଡିକି ବାହୁବଳେନ୍ଦ୍ରଙ୍କ ୨୦୧ତମ ବଳିଦାନ ଦିବସରେ ବିଭିନ୍ନ କୃତବିଦ୍ୟଙ୍କୁ ଶୌର୍ଯ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ବୀର ପିଣ୍ଡିକିଙ୍କ ଜନ୍ମସ୍ଥାନ ଦାରୁଠେଙ୍ଗରେ ପିଣ୍ଡିକି ବାହୁବଳେନ୍ଦ୍ର ସ୍ମୃତି କମିଟି, ପିଣ୍ଡିକି ସ୍ପୋର୍ଟସ କ୍ଲବ୍ ଓ କଳିଙ୍ଗ ପାଇକ ସଂଗଠନର ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଟି ସଭାପତି କବିରାଜ ବିଧାର ସଭାପତିତ୍ୱ କରିଥିଲେ। ଜାତୀୟ ପତାକା ଉତ୍ତୋଳନ, ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପ୍ରଫେସର ବୈଷ୍ଣବ ଚରଣ ସାମଲ ଯଥାକ୍ରମେ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଣ୍ଡିକଙ୍କ ଗରିଲା ଯୁଦ୍ଧ ଓ ଦେଶପ୍ରେମ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ରାମଚଣ୍ଡୀ ଦଳବେହେରା, ମୃତ୍ୟୁଂଜୟ ଛୋଟରାୟ, ପ୍ରାକ୍ତନ ମନ୍ତ୍ରୀ ଡା. ବେଣୁଧର ବଳିଆରସିଂହଙ୍କ ସୁକନ୍ୟା ବିଶିଷ୍ଟ ଅନୁବାଦିକା ଡ. ଶକୁନ୍ତଳା ବଳିଆରସିଂହ, କୁଂଜୁରୀ ବରପଦାର ଖ୍ୟାତନାମା ଚିତ୍ରଶିଳ୍ପୀ ବଳଦେବ ମହାରଥା, ସାହିତ୍ୟିକ ଅମରେଶ ବିଶ୍ୱାଳ, ପୂର୍ବତନ ପ୍ରଶାସକ ସହଦେବ ଜୟସିଂହ, ଡୁମଡୁମା ଦଳବେହେରା, ଅବଦୁଲ କଲାମ ଆଜାଦ୍, ସମାଜସେବୀ ରମଜାନ୍ ଖାଁଙ୍କୁ ଶୌର୍ଯ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ଭୀମସେନ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ମୁଖ୍ୟ ଉଦ୍ୟୋକ୍ତା ଇଂ. ଶିଶିର କୁମାର ନାୟକ, ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ସଂଗଠକ ପ୍ରଦୀପ କୁମାର ବିଶ୍ୱାଳ, ବରିଷ୍ଠ ବିଜେପି ନେତା ସୁରଥ ବିଶ୍ୱାଳ, କୃଷକ ନେତା ଶ୍ରୀରଂଜନ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ବଂଶଧର ପ୍ରଫୁଲ୍ଲ ବାହୁବଳେନ୍ଦ୍ର, ସ୍ମୃତି କମିଟିର ଉପସଭାପତି ଅମରେନ୍ଦ୍ର ମହାପାତ୍ର, କ୍ଲବ ସମ୍ପାଦକ ପବିତ୍ର ବାହୁବଳେନ୍ଦ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିଶୁ ସାହିତ୍ୟ ସ୍ରଷ୍ଟା ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ପୁରସ୍କାର ଘୋଷଣା

ଧର୍ମଶାଳା (ପିଏନ୍): ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଓଡିଶାର ଲବ୍ଧପ୍ରତିଷ୍ଠିତ ଶିଶୁ ସାହିତ୍ୟ ସ୍ରଷ୍ଟା ଉତ୍କଳଚନ୍ଦ୍ର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୧୯ତମ ଜୟନ୍ତୀ ଉତ୍ସବ ଆସନ୍ତା ୧୦ ତାରିଖ ଶନିବାର ଜାରକାସ୍ଥିତ ସିଭିକ ସେଂଟରଠାରେ ଅନୁଷ୍ଠିତ ହେବ। ଏଥିନେଇ ସାହିତ୍ୟ ସମାଜ ପକ୍ଷରୁ ୨୦୨୨ ପାଇଁ ପୁରସ୍କାର ଘୋଷଣା କରାଯାଇଛି। ଚଳିତ ଥର ବିଶିଷ୍ଟ ଶିଶୁ ସାହିତ୍ୟିକ ଚିତରଂଜନ ବ୍ରହ୍ମାଙ୍କୁ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର, ସରୋଜକାନ୍ତ ପରିଡାଙ୍କୁ ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ କରାଯିବ। ଏଥିସହ ଡ. ଯତିନ୍ଦ୍ର କୁମାର ରାଉତଙ୍କୁ ଗୋକର୍ଣ୍ଣିକା କବିତା ସମ୍ମାନ ପ୍ରଦାନ କରାଯିବ। ଏହି ଅବସରରେ ଗୋକର୍ଣ୍ଣିକା ପୂଜ୍ୟପୂଜା ସମ୍ମାନ ପ୍ରଦାନ କରାଯିବ। ଏହି ଉତ୍ସବରେ ଉଦ୍‌ଘାଟକ ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ମୁଖ୍ୟଅତିଥିଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ମୁଖ୍ୟବକ୍ତା ଭାବେ ପ୍ରାବନ୍ଧିକ ଡ. ନାରାୟଣ ପଣ୍ଡା ଯୋଗଦେବେ ବୋଲି ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ରମାକାନ୍ତ ଜେନା ଓ ସମ୍ପାଦକ ହୃଷିକେଶ ସାମଲ ଜାରକାଠାରେ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ବନ୍ଥପଲ୍ଲୀ ରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

କୁକୁଡ଼ାଖଣ୍ଡି (ଇପିଲି ପୂର୍ଣ୍ଣଚନ୍ଦ୍ର),(ପି.ଏନ): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ବନ୍ଥପଲ୍ଲୀ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ କାମିନୀ ନାୟକ ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ବିପ୍ଳବ ପାତ୍ର, କୁକୁଡ଼ାଖଣ୍ଡି ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ ।ଏଥିରେ ସମ୍ମାନିତ ଅତିଥି ରୂପେ ୯ନଂ ଜୋନ ଜିଲ୍ଲା ପରିଷଦ ମମତା ଦାସ ,୮ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟା ଶିବାନୀ ସେଠି, ସମିତି ସଭ୍ୟସୁନିତା ନାୟକ , ସହକାରୀ ମତ୍ସ୍ୟ ଅଧିକାରୀ ମୋନାଲିସା ମିଶ୍ର,ହର୍ଟିକଲଚର୍ ରାକେଶ ରୋଶନ ବେହେରା, କନିଷ୍ଠ ଯନ୍ତ୍ରୀ, ନାୟବ ସରପଞ୍ଚ କୃଷ୍ଣ ସ୍ୱାଇଁ,ଯୋଗାଣ ସହାୟକ ଅଟଳ ବିହାରୀ ପ୍ରଧାନ , ପିଇଓ ସ୍ମୃତି ପ୍ରିୟ ବେହେରା, ଜିଆରଏସ ନାଗେଶ୍ୱରୀ ଆଚାରୀ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଶ୍ରୀ ପାତ୍ର ନିଜ ବକ୍ତବ୍ୟରେ କହିଥିଲେ ଯେ, ବର୍ତ୍ତମାନ ରାଜ୍ୟ ସରକାରଙ୍କ ଦ୍ୱାରା ପଞ୍ଚାୟତ ସ୍ତରରେ ଭିତିଭୂମିର ବିକାଶ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଅଧିକ ଗୁରୁତ୍ୱ ଦେଇଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଯୋଜନାକୁ କିପରି ଲୋକଙ୍କ ନିକଟରେ ପହଞ୍ଚି ପାରିବ ସେ ନେଇ ବିସ୍ତୃତ ଆଲୋଚନା କରିବା ସହ ମିଳିମିଶି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଶିବିରରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳର ରୂପାନ୍ତରୀକରଣ, ମହିଳା ସଂଯୋଗୀକରଣ ଓ ଭିତିଭୂମିର ବିକାଶ, ବ୍ୟାଙ୍କିଙ୍ଗ ଭିତିଭୂମିର ବିକାଶ, ପ୍ରାଥମିକ ବିଦ୍ୟାଳୟର ରୂପାନ୍ତରୀକରଣ, କ୍ରୀଡ଼ା ଭିତିଭୂମିର ବିକାଶ, ଐତିହ୍ୟ ଭିତିଭୂମିର ବିକାଶ, ପରିବହନ ବ୍ୟବସ୍ଥା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଆମ ହସ୍ପିଟାଲ, ମମତା ଯୋଜନା, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ରିଲିଫ ସହାୟତା, ମଧୁବାବୁ ପେନସନ ଯୋଜନା, ହରିଶ୍ଚନ୍ଦ୍ର ସହାୟତା ଯୋଜନା, ମୋ ଘର ଯୋଜନା, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହ ବିଭିନ୍ନ କଲ୍ୟାଣକାରୀ ଯୋଜନା ବିଷୟରେ ସଚେତନତା କରାଯାଇଥିଲା ।ଏଥିରେ ଅନ୍ୟତମ ଅତିଥି ରୂପେ ବିଭିନ୍ନ ପଞ୍ଚାୟତରୁ ଆସିଥିବା କୁକୁଡାଖଣ୍ଡି ସରପଞ୍ଚ ବନ୍ଦନା ସେଠି , ବାଲିପଡ଼ା ସରପଞ୍ଚ ଲକ୍ଷ୍ମୀ ସେଠି, ରୋହିଗାଁ ସରପଞ୍ଚ ବଶିଷ୍ଠ ଜେନା, ଲାଞ୍ଜିଆ ସରପଞ୍ଚ ଅନିଲ ଗୌଡ଼,ବାଘଲଟି ସରପଞ୍ଚ ମାମି ସାସମଲ ଙ୍କ ସହ ସରପଞ୍ଚ ପ୍ରତିନିଧି ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ, ଏମବିକେ, ସିଆରପି, ଅଙ୍ଗନବାଡ଼ି ସୁପ୍ରଭାଇଜର, ଅଙ୍ଗନବାଡି କର୍ମୀ,ଆଶା କର୍ମୀଙ୍କ ସମେତ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ ଓ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।




# କୃଷି ବିଲ୍‌କୁ ବିରୋଧ କରି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ ସମାବେଶ



ଖୋର୍ଦ୍ଧା (ପିଏନ)-କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଆଣିଥିବା କୃଷି ବିଲ ହେଉଛି କୃଷି ମାରଣ ବିଲ୍। ଏହି ବିଲ୍ ପାସ୍ ହେବା ଦ୍ୱାରା ବଡ ବଡ କମ୍ପାନୀ ଓ ପୁଞ୍ଜିପତିଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇଛି। ଏହି କୃଷି ମାରଣ ବିଲ୍‌କୁ ସାରା ଭାରତବର୍ଷରେ ଚାଷୀ, ସାଧାରଣ ଲୋକ ବିରୋଧ କରୁଥିବା ବେଳେ ଓଡିଶାରେ ମଧ ବିରୋଧ କରାଯାଇଛି। ଏହି ଅବସରରେ କିଛି ଦିନ ତଳେ ପ୍ରଦେଶ କଂଗ୍ରେସ ପକ୍ଷରୁ ବାଲେଶ୍ୱର ଠାରେ ଏକ ରାଜ୍ୟସ୍ତରୀୟ କୃଷି ସମାବେଶ ଅନୁଷ୍ଠିତ ହୋଇଥିଲା। ସେହିପରି ଆଜି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ଖୋର୍ଦ୍ଧାରେ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଶହ ଶହ କଂଗ୍ରେସ କର୍ମୀ ଏବଂ ଚାଷୀ ସେମାନଙ୍କ ଟ୍ରାକ୍ଟର ଓ ହଳଲଙ୍ଗଳ ଧରି ଅଭିନବ ଉପାୟରେ ଏକ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରିଥିଲେ। କୃଷି ବିଲ୍ ଆଇନ୍‌ର ପ୍ରତ୍ୟାହାର ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ତହସିଲ୍‌ଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି କୃଷି ବିଲ୍ ପାରିତ ହେବା ଦ୍ୱାରା କୃଷକମାନେ କେତେ ଯେ ହଇରାଣ ହରକତ ହେବେ ବୋଲି ବିଧାୟକ ସୁରେଶ କୁମାର ରାଉତରାୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ତ୍ରୀବ୍ର ସମାଲୋଚନା କରିଥିଲେ। ଓଡିଶାରେ କଂଗ୍ରେସ ସରକାର ସମୟରେ ଚାଷୀମାନଙ୍କର ଅଭୂତପୂର୍ବ ଉନ୍ନତି ହୋଇଥିଲା। କୃଷି ଶିକ୍ଷ ସାଂଗକୁ ଜଳସେଚନ ବ୍ୟବସ୍ଥାକୁ ମଜବୁତ କରାଯାଇଥିଲା। ଦିର୍ଘ ୨୧ ବର୍ଷ ଧରି ଏଠାରେ ଶାସନ କରୁଥିବା ନବୀନ ସରକାର ଚାଷୀ ତଥା କୃଷି କ୍ଷେତ୍ରକୁ ଅବହେଳା କରିଛନ୍ତି। ଏହି ଚାଷୀବିଲ୍ ପାରିତ ହେବା ପରେ ଚାଷୀମାନେ ତାଙ୍କ ଖାଦ୍ୟଶସ୍ୟର ଉପଯୁକ୍ତ ମୂଲ୍ୟ ନପାଇବାରୁ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସାଧାରଣ ଜନତା ବି ଏଥିରୁ ତ୍ରାହି ପାଇନାହାନ୍ତି। ବର୍ତମାନ ଅତ୍ୟାବଶ୍ୟକୀୟ ସାମଗ୍ରୀ, ଫଳ, ପନିପରିବା ଦର ହୁ ହୁ ହୋଇ ବଢ଼ିଚାଲିଛି। ରାଜ୍ୟରେ କରୋନା ମହାମାରୀ ବର୍ତମାନ ସଂକଟ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ସାଧାରଣ ଲୋକଟିଏ ଜୀବନ ବଂଚାଇବା ପାଇଁ ସଂଘର୍ଷ କରୁଛି। ଏହି ସମୟରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଢ଼ିବା ତାଙ୍କ ଉପରେ ବୋଝ ଉପରେ ଲଳିତାବିଡା ସଦୃଶ ହୋଇଛି। ତେଣୁ ଏହି କଳା କୃଷି ବିଲ୍ ଆଇନ୍‌କୁ ସମସ୍ତ ଜନସାଧାରଣ ବିରୋଧ କରିବା ଉଚିତ୍ ବୋଲି ଶ୍ରୀ ରାଉତରାୟ ତାଙ୍କ ଉଦ୍‌ବୋଧନରେ କହିଥିଲେ। ଆଜିର ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଶୁଭେନ୍ଦୁ ମହାନ୍ତି, ପ୍ରଦୀପ ସ୍ୱାଇଁ, ପ୍ରଦୀପ ସାହୁ, ଶିଶିର ପରିଡା, ସଂଗ୍ରାମ ରାଉତରାୟ, ସୁନିଲ୍ ରାଉତରାୟ, ସୁଧାଂଶୁ ମୋହନ ପଟ୍ଟନାୟକ, ତ୍ରିଲୋଚନ ପ୍ରଧାନ, ତପନକାନ୍ତ ଚକ୍ରବର୍ତୀ, ଅମିତ୍ ମହାନ୍ତି, କଳିଙ୍ଗ ସାହୁ, ନୌସର ଅଲ୍ଲୀ, ବୃନ୍ଦାବନ ସାହୁ, ଅନନ୍ତ ବେହେରା, ବାବୁଲି ରାଉତରାୟ, ଦିବାକର ବେହେରା, ପଦୁ ରାୟ, ସଂଜୟ ପଟ୍ଟନାୟକ, ଜୟକୃଷ୍ଣ ମଲିଆ, ସ୍ୱାଗତ କର, ବଟକୃଷ୍ଣ ରାଉତରାୟ, ଜୟନ୍ତ ଭୋଇ, ପ୍ରସାଦ ବଳିୟାରସିଂ, କାଳନ୍ଦି ଚରଣ ନାୟକ, ସୁବାସ ପାତ୍ର ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# ‘ଜଗନ୍ନାଥ ହୋ ! କିଛି ମାଗୁନାହିଁ ତୋତେ। ଧନ ମାଗୁନାହିଁ, ଜନମାଗୁନାହିଁ, ମାଗୁଛି ଶରଧାବାଲିରୁ ହାତେ.....’



ଯଶସ୍ୱିନୀ ପଟ୍ଟନାୟକ

‘ହାତରେ ମୋ ମୁଠା ମୁଠା ଶରଧା ବାଲି, ଠାକୁରେ ଶରଧା ବାଲି, ନରେନ୍ଦ୍ରର ଜଳ ପଡ଼େ ମଥାରୁ ଝରି....’। ସୁପ୍ରସିଦ୍ଧ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗାୟକ ସ୍ୱର୍ଗତଃ ଭିକାରୀ ବଳଙ୍କ ଏହି ଭାବପୂର୍ଣ୍ଣ ଭକ୍ତି ରସାମୃତ ଭଜନଟି ପ୍ରତିପାଦିତ କରିଥାଏ ଶରଧା ବାଲିର ଦିବ୍ୟ ମହିମାକୁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧ ଘୋଷଯାତ୍ରା ସମୟରେ ଏହା ଉପରେ ଛୋଟିଆ ଭାବଧାରାର ଆଲେଖ୍ୟ ଉପସ୍ଥାପନ କରୁଛୁ। ଅବର୍ଣ୍ଣନୀୟ ଶ୍ରୀଜଗନ୍ନାଥଙ୍କ ମହିମା। ବର୍ଷରେ ଥରେ ରଥାରୂଢ଼ ହୋଇ ପ୍ରଭୁ ବାହାରନ୍ତି ବଡ଼ଦାଣ୍ଡକୁ। ଯାତ୍ରା ତାଙ୍କ ଶେଷ ହୁଏ ଶରଧାବାଲିରେ। ଯେଉଁ ବାଲି ଉପରେ ମହାପ୍ରଭୁଙ୍କ ସ୍ପର୍ଶ ରହିଛି ସେହି ବାଲିର ସ୍ପର୍ଶ ଭକ୍ତ ପାଇଁ ଦୁର୍ଲଭ। ସେଥିପାଇଁ ମହାପ୍ରଭୁଙ୍କ ସ୍ପର୍ଶ ଥିବା ବାଲିକୁ ଶରଧାବାଲି ବୋଲି ଗ୍ରହଣ କରିଥାନ୍ତି ଭକ୍ତଗଣ। ସଭ୍ୟତା ଓ ଆଧୁନିକତାର ପ୍ରଭାବରେ ଶରଧାବାଲି ସୀମିତ ହୋଇଯାଇଥିଲେ ମଧ ଏହାର ପରିସୀମା ବିଶାଳ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ଦୁର୍ଲଭ, ତାଙ୍କ କରୁଣା ନ ହେଲେ ଭକ୍ତଙ୍କୁ ଦର୍ଶନ ମିଳେନାହିଁ। ତାଙ୍କରି ଦର୍ଶନରେ ମୁକ୍ତି ମିଳିଥାଏ। ଆଉ ତାଙ୍କ ସାନ୍ନିଧ ମହାପୁଣ୍ୟ ଦେଇଥାଏ। ସେ ପରଂବ୍ରହ୍ମ, ତେଣୁ ସ୍ୱଦେହରେ ତାଙ୍କୁ ସ୍ପର୍ଶ କରିବା ଅନୁଚିତ। ହେଲେ ଭକ୍ତର ସ୍ପର୍ଶ ଅଭିଳାଷକୁ ମହାପ୍ରଭୁ ସର୍ବଦା ପୂରଣ କରିଥାନ୍ତି। ସେଥିପାଇଁ ମହାପ୍ରଭୁଙ୍କ ଲୀଳା ଭିନ୍ନ। ଆବହମାନ କାଳରୁ ରହି ଆସିଛି ମହାପ୍ରଭୁ ରତ୍ନସିଂହାସନରୁ ପହଣ୍ଡି ହୋଇ ରଥକୁ ବିଜେ କରିବେ। କୀର୍ତ୍ତନଚକଡ଼ାରୁ ବାଲିରେ ମହାପ୍ରଭୁ ପହଣ୍ଡି ପହଣ୍ଡି ସିଂହଦ୍ୱାରକୁ ଆସନ୍ତି। ସେଠାରେ ବୁଲି ବୁଲି ଭକ୍ତଙ୍କୁ ଦର୍ଶନ ଦେବା ପରେ ରଥକୁ ବିଜେ କରନ୍ତି। ସେହିଠାରୁ ତାଙ୍କ ରଥ ବାଲିରେ ଗଡ଼ି ଗଡ଼ି ଶ୍ରୀଗୁଣ୍ଡିଚା ମନ୍ଦିରକୁ ଆସିଥାଏ। ପୁଣି ମହାପ୍ରଭୁ ଯଜ୍ଞବେଦୀରୁ ପହଣ୍ଡି ହୋଇ ଶରଧାବାଲିକୁ ଯାଆନ୍ତି ଆଉ ସେଠାରୁ ରଥରେ ଚଢ଼ି ସିଂହଦ୍ୱାରକୁ ଯାଆନ୍ତି। ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଯେଉଁ ବାଲିକୁ ଛୁଉଁଥିଲା ସେହି ବାଲି ଭକ୍ତଙ୍କ ପାଇଁ ମୁକ୍ତିର ମାଧମ ପାଲଟି ଯାଉଥିଲା। ସିଂହଦ୍ୱାରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ମଧ୍ୟରେ ଥିବା ବାଲି ପବିତ୍ର ହୋଇଯାଉଥିଲା। ସେହି ବାଲିକୁ ଭକ୍ତଗଣ ମୁଣ୍ଡରେ ମାରି ଯାଉଥିଲେ। ଶରଧା ବାଲି କହିଲେ ସିଂହଦ୍ୱାରରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବୁଝାଏ। ଯେଉଁ ବାଲିରେ ଶ୍ରୀଅଙ୍ଗ ଲାଗିଥାଏ, ସେହି ବାଲି ଭକ୍ତଙ୍କ ପାଇଁ ଶରଧା ବାଲି ହୋଇଥାଏ। ସେହି ବାଲି ସ୍ପର୍ଶକରି ଭକ୍ତ ଆନନ୍ଦ ପାଇଥାନ୍ତି। ମାତ୍ର ଏବେ ଏହି ଶରଧାବାଲି କିଛି ଅଞ୍ଚଳରେ ସୀମିତ ହୋଇଯାଇଛି।

ଶ୍ରୀଜଗନ୍ନାଥଙ୍କ ମାଉସୀ ମାଆ ମନ୍ଦିର ବା ଗୁଣ୍ଡିଚା ମନ୍ଦିର ନିକଟରେ ଠୁଳିଭୂତ ବାଲି ହିଁ ଶ୍ରଦ୍ଧାର ବାଲି - ଶରଧା ବାଲି। ସେହି ବାଲି ହିଁ ଭକ୍ତ ପାଇଁ ଅତି ପବିତ୍ର। କେବଳ ପୁରୀର ଶ୍ରୀଗୁଣ୍ଡିଚା ମନ୍ଦିର ସନ୍ନିକଟ ବାଲିକୁ ଶରଧା ବାଲି କୁହନ୍ତି। ଏ ବିଷୟରେ ଇତିହାସ ଓ କିମ୍ବଦନ୍ତୀ ରହିଛି। ପୁରୀ ବଡ଼ଦାଣ୍ଡ ଓ ଗୁଣ୍ଡିଚା ମନ୍ଦିରର ମଧବର୍ତ୍ତୀ ଅଞ୍ଚଳର ଆଗେ ମାଳିନୀ ନଦୀ ପ୍ରବାହିତ ହେଉଥିଲା। ଏହି ନଦୀ ରଥଦାଣ୍ଡ ଓ ଗୁଣ୍ଡିଚା ଦାଣ୍ଡକୁ ଦୁଇଭାଗ କରୁଥିଲା। ରଥ ଗୁଡ଼ିକ ସିଧାସଳଖ ଗୁଣ୍ଡିଚା ମନ୍ଦିରକୁ ଯିବା ସମ୍ଭବ ହେଉନଥିଲା। ତେଣୁ ନଦୀ ଆରପଟେ ଅର୍ଥାତ୍ ଗୁଣ୍ଡିଚା ମନ୍ଦିର ପଟେ ଅନ୍ୟ ତିନୋଟି ରଥ ପ୍ରସ୍ତୁତ କରି ରଖାଯାଉଥିଲା। ଏଭଳି ଅନେକ ବର୍ଷ ବିତି ଯିବା ପରେ ଖ୍ରୀଷ୍ଟୀୟ ତ୍ରୟୋଦଶ ଶତାବ୍ଦୀରେ ଗଜପତି ରାଜା ଦ୍ୱିତୀୟ ନରସିଂହଦେବଙ୍କ ରାଣୀ ଶ୍ରଦ୍ଧାଦେବୀ ଭାବିଲେ ଯଦି ସେହି ମାଳିନୀ ନଦୀକୁ ପୋତି ଦିଆଯାଇପାରିବ, ତେବେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରୁ ତିନୋଟି ଯାକ ରଥ ବାହାରି ଆଉ ନଇ ପାଖରେ ନ ଅଟକି ସିଧାସଳଖ ଗୁଣ୍ଡିଚା ମନ୍ଦିର ପାଖକୁ ଚାଲିଯାଇ ପାରିବ। ତେଣୁ ଏହି ନଦୀକୁ ପୋତି ଦେଇଥିଲେ। ଏବେ ସେ ନଈ ଆଉ ନାହିଁ। କିନ୍ତୁ ରାଣୀ ଶ୍ରଦ୍ଧାଦେବୀଙ୍କ ନାମାନୁସାରେ ସେ ସ୍ଥାନଟି ଶରଧାବାଲି ହୋଇ ରହିଯାଇଛି। ଏ ସମ୍ପର୍କରେ ଆଉ ଗୋଟିଏ କିମ୍ବଦନ୍ତୀ ଅଛି। ଶଙ୍ଖୁଆ ନଦୀର ଗୋଟିଏ ଧାର ‘ଶରଧା’ ପୁରୀର ବଡ଼ଦାଣ୍ଡ ଓ ଗୁଣ୍ଡିଚା ମଣ୍ଡପକୁ ଦୁଇଭାଗ କରୁଥିଲା। ଛ’ଟି ରଥରେ ଏପଟେ ତିନୋଟି ଓ ଆରପଟେ ତିନୋଟି ରଥ ଠାକୁରମାନେ ଯାତାୟତ କରୁଥିଲେ। ଖ୍ରୀଷ୍ଟିୟ ତ୍ରୟୋଦଶ ଶତାବ୍ଦୀରେ ଗଜପତି ରାଜା ନରସିଂହଦେବଙ୍କ ରାଜତ୍ୱକାଳରେ ଅଠରନଳା ବା ଶଙ୍ଖୁଆ ସେତି ନିର୍ମିତ ହୋଇଥିଲା। ତାହାଙ୍କ ରାଣୀ ଶ୍ରଦ୍ଧାଦେବୀଙ୍କ ଉଦ୍ୟମରେ ଏହି ଶଙ୍ଖୁଆ ନଦୀର ଧାର ‘ଶରଧା’ ନଦୀଶଯ୍ୟାକୁ ଶଗଡ଼ ଶଗଡ଼ ବାଲିରେ ପୋତି ଦିଆଯାଇଥିଲା। ଫଳରେ ରଥଯାତ୍ରା ବେଳେ ଶ୍ରୀଜୀଉମାନଙ୍କର ଗମନାଗମନ ସୁଗମ ହେଲା। ସେହିଦିନ ଠାରୁ ଶରଧା ନଦୀର ବାଲିକୁ ଲୋକେ ଶ୍ରଦ୍ଧାରେ ‘ଶରଧାବାଲି’ ବୋଲି କହିଲେ। ତେଣୁ ଶ୍ରଦ୍ଧାର ମୂଲ୍ୟବୋଧକୁ ଉଦଘୋଷଣ କରି ଭକ୍ତଜନର ଶ୍ରଦ୍ଧାଭାଜନ ହୋଇପାରିଛି ଏହି ଶରଧାବାଲି। ଭକ୍ତକବି ନୀଳାମ୍ବର ଦାସ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ମୁଖରେ କହିଛନ୍ତି - ‘ଏହି ବର ଦିଅ ପ୍ରଭୁ ନିତ୍ୟ ମୁଁ ଆଡ଼ପ, ବେଦୀ ପାଖାଳିବି ଏହି ମୋ ସେବା ସ୍ୱରୂପ। ମୁଣ୍ଡିଆ ମରାଙ୍କୁ ମୁହିଁ ନିତ୍ୟ ସେବାକରି, ଶରଧାବାଲି ପାଟଣା ବପାସ ଦିଅ ହରି।’ ଏ ସଂସାର ସାଗର ପାରିହେବା ପାଇଁ, ଭବ ବନ୍ଧନରୁ ମୁକ୍ତି ପାଇବା ପାଇଁ ଭକ୍ତଟିଏ ଆକୁଳ ଆବେଦନ କରୁଛି ମହାପ୍ରଭୁ ଜଗନ୍ନାଥଙ୍କ ଠାରେ। ଅଷ୍ଟାଦଶ ଶତାବ୍ଦୀର ଓଡ଼ିଆ କବି ବନମାଳୀ ଜଗନ୍ନାଥଙ୍କୁ ଧନ, ଜନ, ସୁଖ, ଐଶ୍ୱର୍ଯ୍ୟ, ନମାଗି, ମାଗିଛନ୍ତି ଶରଧାବାଲିରୁ ହାତେ। ‘ଜଗନ୍ନାଥ ହୋ ! କିଛି ମାଗୁନାହିଁ ତୋତେ। ଧନ ମାଗୁନାହିଁ, ଜନମାଗୁନାହିଁ, ମାଗୁଛି ଶରଧାବାଲିରୁ ହାତେ।’ଏଇ ପବିତ୍ର ଶରଧାବାଲି ଆଜି ଇତିହାସର ମୂକସାକ୍ଷୀ। ଶରଧାବାଲିକୁ ନେଇ ଭକ୍ତ ମୁଣ୍ଡରେ ଲଗାଏ, ଦେହରେ ବୋଳିହୁଏ, ତୁଣ୍ଡରେ ମାରେ, କାନିରେ ବାନ୍ଧିଆଣେ। କାରଣ ତାହା ପ୍ରଭୁଙ୍କର ପବିତ୍ର ଚରଣରେଣୁ। ସବୁ ଆଶା ଓ ଆଶ୍ରା ଛାଡ଼ି କେବଳ କାଳିଆର ଆଶ୍ରାରେ ବଡ଼ଦାଣ୍ଡର ଧୂଳିକୁ ଦେହରେ ବୋଳି ଦୂରାରୋଗ୍ୟ ବ୍ୟାଧିରୁ ମଧ ସେ ମୁକ୍ତି ପାଏ। ତେଣୁ ଜଗନ୍ନାଥ ଧାମର ପ୍ରତିଟି ରେଣୁ ପବିତ୍ର। ପ୍ରତିଟି ଧୂଳିକଣା ଭକ୍ତଜନର କପାଳଚନ୍ଦନ। ତେଣୁ ଶରଧା ବାଲିରେ ଗଡ଼ିଯିବାକୁ ଭକ୍ତମନ ସର୍ବଦା ବ୍ୟାକୁଳିତ ହୋଇଉଠେ।

*ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ*

# ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି। ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି। କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି। ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପ ି ହୋଇଥିଲା। କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ। ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ପଷ୍ଟ ଭାବେ ଜଣାଇଛି। ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା। ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୁପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି। ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି। ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କା ିକ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ,ରଜତ କୁମାର ଗିରି, କୈଳାଶ ଚନ୍ଦ୍ର ଜେନା,ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ,ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ,ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି।

## ତାରିଣୀ ମା’ଙ୍କ ବରିଷ୍ଠ ପୂଜକଙ୍କ ଦେହାନ୍ତ

ଗୋଲାବନ୍ଧ(ପିଏନ)-ଘଟଗାଁ ତାରିଣୀ ମନ୍ଦିରର ବରିଷ୍ଠ ପୂଜକ ଦୁର୍ଯ୍ୟୋଧନ ଦେହୁରୀ(୯୮)ଙ୍କ ଆଜି ସକାଳେ ଗୋଲାବନ୍ଧ ସ୍ଥିତ ନିଜ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ବାର୍ଦ୍ଧକ୍ୟ କାରଣରୁ ସେ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ସମସ୍ତ ପୁଅ, ଝିଅ, ନାତି, ନାତୁଣୀମାନେ ଉପସ୍ଥିତ ଥିଲେ। ଅଂଚଳର ବହୁ ବରିଷ୍ଠ ନେତୃବୃନ୍ଦ ଦର୍ଶନ କରିବା ପରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମା’ତାରିଣୀଙ୍କ ବରିଷ୍ଠ ପୂଜକଙ୍କ ମୃତ୍ୟୁ ଖବର ଶୁଣିବା ପରେ ଗୋଲାବନ୍ଧ ଠାରୁ ଆରମ୍ଭ କରି ଘଟଗାଁ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

# କାଦୁଅ ବିଲରେ ଫଂସି ହାତୀ ଶାବକର ମୃତ୍ୟୁ



କେନ୍ଦୁଝର(ପିଏନ)-ଭୂୟାଁ ଜୁଆଙ୍ଗ ପୀଢ କୁଶକଳା ବିଟ୍ ଅନ୍ତର୍ଗତ ନଡାପାଣି ଗାଁ ବିଲ କାଦୁଅରେ ଫସି ଗୋଟିଏ ୨ବର୍ଷର ହାତୀ ଶାବକର ମୃତ୍ୟୁ ହୋଇଥିବା ଜଣାପଡିଛି। ୯ଟି ହାତୀ ଥିବା ଗୋଟିଏ ଦଳ ଗୁରୁବାର ଦିନ ପାହାଡତଳ ଗାଁ ନଡାପାଣିରେ ରହିଥିଲେ। ଏହି ଦଳରେ ୨ଟି ଦନ୍ତା, ୪ଟି ମାଈ ଓ ୩ଟି ଛୁଆ ହାତୀ ଥିଲେ। ବନବିଭାଗର ସ୍କ୍ୱାର୍ଡ ମଧ୍ୟ ଏହି ଦଳ ଉପରେ ତୀକ୍ଷଣ ନଜର ରଖିଥିଲା। ତେବେ ଭୋର ସମୟରେ ହାତୀ ଦଳ କାଦୁଅ ବିଲ ଦେଇ ଯାଉଥିବାବେଳେ ୨ବର୍ଷର ଶାବକଟି କାଦୁଅରେ ଫସି ଯାଇଥିଲା। ଅନ୍ୟ ହାତୀମାନେ ଶାବକଟିକୁ କାଦୁଅରୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଶୁକ୍ରବାର ସକାଳୁ ସ୍ଥାନୀୟ ଲୋକେ ହାତୀ ଗର୍ଜନ ଶୁଣି ବନବିଭାଗକୁ ଖବର ଦେଇଥିଲେ। ବିଜେପି ରେଞ୍ଜର ମାନସ କୁମାର ମୁର୍ମୁ,ଶୁଆକାଟୀ ଫରେଷ୍ଟର ଟିକେଶ୍ୱର ମହାନ୍ତ ଏବଂ ଅନ୍ୟ ବନ କର୍ମଚାରୀ ଘଟଣାସ୍ଥଳରେ ସକାଳ ୯ଟା ସମୟରେ ପହ ିବା ବେଳକୁ ହାତୀ ଶାବକଟିର ମୃତ୍ୟୁ ହୋଇଯାଇଥିବା ଦେଖିବାକୁ ମିଳିଥିଲା। କେନ୍ଦୁଝର ଡିଏଫ୍ଓ ସ୍ୱୟମ ମଲ୍ଲିକ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଥିବାବେଳେ ଶନିବାର ଦିନ ହାତୀ ଶାବକଟିର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି।

## ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି

ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି। ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା। ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି। ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ। ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି। ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା। ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ। ପ୍ରତିଟି ଦିନ ଅତିବାହିତ ହେବାସହିତ ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା।

# ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ



ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ। ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ। ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ ନାହିଁ। କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ। ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ। ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମ୍‌ବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା’ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




# ଓବେସୋଫୋବିଆ





ଓଜନ ବଢ଼ିବା, ବର୍ତ୍ତମାନ ସମୟରେ ସବୁଠୁ ବଡ଼ ଚିନ୍ତା ଭିତରୁ ଗୋଟିଏ। ଓଜନ ବୃଦ୍ଧି ପାଇବା ଅନେକ ରୋଗର କାରଣ ପାଲଟୁଛି। ଏହି କାରଣରୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ଲୋକଙ୍କୁ ଓଜନ ନିୟନ୍ତ୍ରିତ ରଖିବା ପାଇଁ ପରାମର୍ଶ ଦେଉଛନ୍ତି। କେହି କେହି ଓଜନ ବୃଦ୍ଧିକୁ ନେଇ ଏତେ ଚିନ୍ତିତ ହୋଇପଡୁଛନ୍ତି ଯାହା ଏକ ମାନସିକ ସମସ୍ୟାରେ ପରିଣତ ହେଉଛି। ଯଦି ଆପଣ ବି ସବୁବେଳେ ଓଜନ ବୃଦ୍ଧିକୁ ନେଇ ଭୟ କରୁଥିବେ, କାଳେ ମୋର ଓଜନ ବଢ଼ିଯିବନି। ତା'ହେଲେ ଏହାକୁ ଫୋବିଆ ରୂପରେ ଦେଖାଯାଇଥାଏ। ଏହି ଫୋବିଆକୁ ଡାକ୍ତରୀ ଭାଷାରେ କୁହାଯାଇଥାଏ ଓବେସୋଫୋବିଆ। ଓବେସୋଫୋବିଆ ଓଜନ ବୃଦ୍ଧିକୁ ନେଇ ମନରେ ଆସୁଥିବା ଏକ ଅସାମାନ୍ୟ ଡର, ଯାହା ବ୍ୟକ୍ତିର ଖାଦ୍ୟପେୟ ଅଭ୍ୟାସକୁ ପ୍ରଭାବିତ କରିଥାଏ। ଏହି ଫୋବିଆରେ ପୀଡ଼ିତ ବ୍ୟକ୍ତି ଅନ୍ୟ ମାନସିକ ରୋଗ ଯେମିତି ଏନେରେକ୍ସିଆ, ବୁଲିମିଆ ପରି ରୋଗରେ ମଧ୍ୟ ପୀଡ଼ିତ ଥାଆନ୍ତି। ଓବେସୋଫୋବିଆରେ ପୀଡ଼ିତ ବ୍ୟକ୍ତି ଅଧିକ ମୋଟା ଲୋକଙ୍କୁ ଘୃଣା କରିଥାନ୍ତି। ଏମିତିକି ସେମାନେ କିଛି ବି ଖାଇବାକୁ ଭୟ କରିଥାନ୍ତି। ଓବେସୋଫୋବିଆ ହେବାର ଅନେକ କାରଣ ରହିଛି। ପିଲାଦିନେ ଓଜନକୁ ନେଇ କୌଣସି ଖରାପ ଅନୁଭବ କିମ୍ବା ଆଖପାଖ ପରିବେଶ ଏହି ମାନସିକ ରୋଗ ହେବାର କାରଣ ହୋଇପାରେ। ନଚେତ ଏହି ମାନସିକ ରୋଗ ଯଦି ପରିବାରରେ କାହାକୁ ହୋଇଥିବ ତା'ହେଲେ ଘରର ଅନ୍ୟ ସଦସ୍ୟଙ୍କୁ ହେବାର ମଧ୍ୟ ଆଶଙ୍କା ଥାଏ। ଅନ୍ୟ କାରଣ ଗୁଡ଼ିକରେ ସାମାଜିକ ଚିନ୍ତା, ମନରେ ଅସୁରକ୍ଷିତ ଭାବନା କିମ୍ବା ଲୋକଙ୍କ ଆଲୋଚନାର କାରଣ ମଧ୍ୟ ମନରେ ମୋଟା ହେବାର ଭୟ ସୃଷ୍ଟି କରିଥାଏ। ଅନେକ ଲୋକ ଏହାର ଲକ୍ଷଣ ଜାଣି ପାରିନଥାନ୍ତି। ଏହାକୁ ଉତ୍ତମ ଖାଦ୍ୟ ଅଭ୍ୟାସ ବୋଲି ଭାବିଥାନ୍ତି। କିନ୍ତୁ ଏହି ଅଭ୍ୟାସ ଓବେସୋଫୋବିଆର କାରଣ ହୋଇପାରେ। ସ୍ୱାସ୍ଥ୍ୟକର ଡାଏଟ୍ ଅନୁସରଣ କରିବା ଓବେସୋଫୋବିଆ ନୁହେଁ। କିନ୍ତୁ ଯଦି କେହି ପତଳା ରହିବା ପାଇଁ ଆବଶ୍ୟକତାଠାରୁ ଅଧିକ ଡାଏଟ ଅନୁସରଣ କରିବା, ଏକ୍ସରସାଇଜ କରିବା ଏବଂ ଭୋକିଲା ରହିବା ଓବେସୋଫୋବିଆର ଲକ୍ଷଣ ହୋଇପାରେ। ଓବେସୋଫୋବିଆର କୌଣସି ଗୋଟିଏ ଚିକିତ୍ସା ନାହିଁ। ଓବେସୋଫୋବିଆରେ ପୀଡ଼ିତ ବ୍ୟକ୍ତିର କାରଣ ବୁଝି ଡାକ୍ତର ଏହାର ଚିକିତ୍ସା କରିଥାନ୍ତି। ଥେରାପି ଏବଂ ବ୍ରେନ୍ ଏକ୍ସରସାଇଜରେ ମଧ୍ୟ ଭଲ ହୋଇପାରେ।

**—ଡାକ୍ତର ସମ୍ରାଟ କର, ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ, କଟକ, ଦୂରଭାଷ: ୯୧୩୨୪୩୩୩୩୩**

## ବିଜୁ ଏକ୍ସପ୍ରେସୱେରେ ଚାଲିଛି ଅବାଧ ମଦକାରବାର , ନିଦାବିଷ୍ଟୁ ସାଜିଛି ଅବକାରୀ ବିଭାଗ

ବୋଡେନ,(ପି.ଏନ): ନୂଆପଡ଼ା ଜିଲ୍ଲା ବୋଡ଼ ?ନ ବ୍ଲକ ଅନ୍ତର୍ଗତ ସୁନାପୁର ପଞ୍ଚାୟତ ନିକଟ ଫୋର୍ ୱେ ଠାରେ ଜନସାଧାରଣ ଓ ଏସ ଏଚ୍ ଜି ମହିଳା ମାନଙ୍କ ଦ୍ୱାରା କମାଣ୍ଡର ସହ ୩୬୦୦ ଦେଶୀ ମଦ ପାଉଚ୍ ଜବତ କରିଥିଲେ । ଓ ଏହାର ଉଚିତ ପଦକ୍ଷେପ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପୋଲିସ ଓ ଅବକାରୀ ବିଭାଗର ଅଧିକାରୀ ଙ୍କ ନିକଟରେ ଦାବି କରିଥିଲେ । ସୂଚ୍ନାନୁସାରେ ଆଜି ସକାଳ ସାଢ଼େ ସାତଟା ସମୟରେ ବିନୋପୁର ମଦ ଭାଟିରୁ ଏକ କମାଣ୍ଡର ଦ୍ୱାରା ୩୬୦୦ ଦେଶୀ ମଦ ପାଉଚ୍ ଭର୍ତି ହୋଇ ନିକଟସ୍ଥ ଖଇରା ଭାଟି କୁ ଯାଉଥିଲା ଏହି ସମୟରେ ସୁନାପୂର ପାଖରେ କିଛିଲୋକ ଗାଡ଼ିରେ ମଦ ଯାଉଥିବାର ଦେଖି ଗାଡ଼ିକୁ ଅଟକାଇ ଥିଲେ ଓ ୫ଏଐ ମହିଳା ମାନଙ୍କୁ ଖବର ଦେଇଥିଲେ । କିଛି ମହିଳା ଓ ପୁରୁଷମାନେ ସେଠାରେ ପହଞ୍ଚି ଗାଡ଼ିକୁ ଅଟକାଇ ରଖିଥିଲେ ।କିଛି ସମୟ ପରେ ବୋଡ଼ ?ନ ପୋଲିସ ଓ ଅବକାରୀ ବିଭାଗର କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଥିଲେ । ଉତ୍ୟକ୍ତ ଲୋକେ ଏହା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ଓ ଅବକାରୀ ବିଭାଗ ଅଧିକାରୀ ପାଖରେ ଦାବୀ ରଖିଥିଲେ । ପରେ ପୋଲିସ ଓ ଅବକାରୀ ବିଭାଗର ଅଧିକାରୀ ଆଲୋଚ୍ନା କରିବା ପରେ ଦେଶୀ ମଦ ପାଉଚ୍ ସହ ଗାଡ଼ିକୁ ବୋଡ଼ ?ନ ଥାନାକୁ ନେଇ ଆଣିଥିଲେ । ବର୍ତ୍ତମାନ ଏହା ଉପରେ ପୋଲିସ ପ୍ରଶାସନ ଓ ଅବକାରୀ ବିଭାଗ ପକ୍ଷରୁ ଦୋଷୀ ଉପରେ କଣ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାହା ଦେଖିବାକୁ ବାକି ରହିଲା ।

## 'ଓଡ଼ିଆ ଭାଷାରେ ଭାରତୀୟ ପ୍ରାନ୍ତୀୟ ଭାଷା ସାହିତ୍ୟର ଅନୁବାଦର ଆବଶ୍ୟକତା ଅଛି'



ଖୋରଧା (ପିଏନ୍)-ଆମରି ସତ୍ୟ ବିକାଶ ପରିଷଦ ତରଫରୁ 'ଅନୁବାଦ ସାହିତ୍ୟ' ଉପରେ ଏକ ଆଲୋଚନା ଚକ୍ର ବିଶ୍ୱାମିତ୍ର ସେବା ଟ୍ରଷ୍ଟ, ଖୋରଧାଠାରେ ଡ ପ୍ରମୋଦ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତା ଏବଂ ସମରଜିତ୍ ପଟ୍ଟନାୟକଙ୍କର ପରିଚ୍ଳନାରେ ଅନୁଷ୍ଠିତ ହୋଇଯାଇଛି।

ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ, କେନ୍ଦ୍ର ସାହିତ୍ୟ ଏକାଡ଼େମୀ ତଥା ନ୍ୟାସନାଲ ବୁକ୍ ଟ୍ରଷ୍ଟର ଅନୁବାଦ ଶ୍ରୀଯକ୍ତ ସୁଭାଷ ଶତପଥୀ ଓଡ଼ିଆ ଭାଷାରେ ଭାରତୀୟ ପ୍ରାନ୍ତୀୟ ଭାଷା ସାହିତ୍ୟର ଅନୁବାଦର ଆବଶ୍ୟକତା ଅଛି ଏବଂ ଅନୁବାଦକମାନେ ଅନୁବାଦ ତତ୍ତ୍ୱକୁ ବୁଝିବା ଏକାନ୍ତ ପ୍ରୟୋଜନ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଆଭାଷାରେ ପ୍ରକାଶିତ ପୁସ୍ତକଗୁଡ଼ିକର ଅନ୍ୟଭାଷାରେ ଅନୁବାଦ ପୁସ୍ତକର ସଂଖ୍ୟା ନଗଣ୍ୟ ଅଟେ। ଅନୁବାଦକଙ୍କୁ ସାହିତ୍ୟିକଙ୍କଠାରୁ କମ ମୂଲ୍ୟାୟନ କରାଯାଇପାରେନା । ଅନୁବାଦ ସାହିତ୍ୟ ମୂଳ ସାହିତ୍ୟଠାରୁ କୌଣସି ଗୁଣରେ କମ ନୁହେଁ ବୋଲି ମତ ପ୍ରକାଶ ପାଇଥିଲା। ସମ୍ମାନୀତ ଅତିଥି କେନ୍ଦ୍ର ସାହିତ୍ୟ ଏକାଡ଼େମୀର ସ୍ୱୀକୃତିପ୍ରାପ୍ତ ଅନୁବାଦକ ଆଶୀଷ କୁମାର ରାୟ ହିନ୍ଦୀରେ କିଛି ପୁସ୍ତକ ଅନୁବାଦ କରିଛନ୍ତି। ତାଙ୍କ ମତରେ ଓଡ଼ିଆ କବିତା, ଗଳ୍ପ, ପ୍ରବନ୍ଧଗୁଡ଼ିକର ଅନ୍ୟାନ୍ୟ ଭାଷାରେ ଅନୁବାଦର ସମୟ ଆସିଛି। ଅନ୍ୟତମ ଅତିଥି ମଂଚ ତଥା ଭିଡିଓ ନାଟ୍ୟଶିଳ୍ପ ସମରଜିତ୍ ପଟ୍ଟନାୟକ କହିଲେ ତାଙ୍କ ଅନୁବାଦର ମୂଲ୍ୟାୟନ ପାଠକ କରିବେ। ସେ ତାଙ୍କ କାମ କରିଛନ୍ତି କେବଳ। ସେ ବୁଦ୍ଧଦେବ ବସୁଙ୍କ ଚରିତ୍ର ଏବଂ ବିତର୍କିତ ଉପନ୍ୟାସ 'ରାତଭରେ ବ୍ରିଷ୍ଟି'ର ଓଡିଆ ଅନୁବାଦ କରିଛନ୍ତି। ଅନୁଦିତ ବହିର ନାଁ ରହିଛି-ମୁଁ ମାଳତୀ କହୁଛି।

ବିଶ୍ୱାମିତ୍ର ସେବା ଟ୍ରଷ୍ଟର ଅଧ୍ୟକ୍ଷ ରାମଶଙ୍କର ଅତିଥି ପରିଚୟ ଦେଇଥିଲେ। ଆଲୋଚନାରେ ଗାଳ୍ପିକ ସୁନିଲ ବୋଷ, ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ, ପ୍ରାକ୍ତନ ଅଧ୍ୟକ୍ଷ ଡ. ଶରତ ଚନ୍ଦ୍ର ମହାପାତ୍ର, ସ୍ୱପ୍ନାରାଣୀ ପାଣିଗ୍ରହୀ, ସାହିତ୍ୟ ସଂସଦ ସଭାପତି ଗୋପାଳକୃଷ୍ଣ ଦାସ, କାଶୀନାଥ ଦାସ, ଆଦି ନାରାୟଣ ଖଣ୍ଡୁଆଳ, ରାଜେନ୍ଦ୍ର ପ୍ରସାଦ ନାୟକ, ନଟବର ସାହୁ, ବିଭୁପ୍ରସାଦ ହରିଚନ୍ଦନ, କିଶୋର ପାଇକରାୟ, ବାସୁଦେବ ସାହୁ, ଦାଶରଥି ପଟ୍ଟନାୟକ, ନଟବର ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜବାହାରଲାଲ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

## ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ସାରସ୍ୱତ ସମାରୋହ



ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ବଉଳାବନ୍ଧର ପ୍ରଖ୍ୟାତଯଶା କଳାକାର ତଥା ନାଟ୍ୟ ସଂଳାପ ଲେଖକ ତ୍ରିନାଥ ଚରଣ ସାହୁଙ୍କ ନାମରେ ନାମିତ ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦ ପକ୍ଷରୁ ବିଡିଏ କଲୋନୀସ୍ଥ ଗାୟତ୍ରୀ ମନ୍ଦିର ପରିସରରେ 'ରାମାୟଣର ସାମାଜିକ ପ୍ରତିଫଳନ' ନେଇ ଏକ ଆଲୋଚନାଚକ୍ର ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଭାରତର ପୂର୍ବତନ ରାଷ୍ଟ୍ରଦୂତ ବିଶିଷ୍ଟ କୂଟନୀତିଜ୍ଞ ଏବଂ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ଅଧ୍ୟକ୍ଷ ଅବସର ବେଉରିଆଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହାପରେ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ସାନଭାଇ ସ୍ୱର୍ଗତଃ ଭବାନୀଚରଣ ପଟ୍ଟନାୟକଙ୍କ ପଚାଶ ବର୍ଷ ତଳର ପାଣ୍ଡୁଲିପି 'ଆଦରିଣୀ' ତାଙ୍କ ନାତୁଣୀ ଜ୍ୟୋତିପ୍ରଭା ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ ହୋଇ ଉନ୍ମୋଚିତ ହୋଇଥିଲା। ଏହି କବିତା ପୁସ୍ତକର ସଂଗୀତ ଶୈଳୀ ମନୋମୁଗ୍ଧକର ବୋଲି ମତପ୍ରକାଶ ପାଇଥିଲା। ସେହିପରି ପ୍ରଫେସର ଡ. ଶରଚ୍ଚନ୍ଦ୍ର ମହାପାତ୍ରଙ୍କ ଲିଖିତ 'ଉତ୍କଳ ସାରସ୍ୱତ ଜଗତର ଅମ୍ଳାନ ପ୍ରତିଭା' ଶୀର୍ଷକ ପ୍ରବନ୍ଧ ପୁସ୍ତକ ଉନ୍ମୋଚିତ ହୋଇଥିଲା। 'ରାମାୟଣ' ଉପରେ ଆଲୋଚନାଚକ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ପ୍ରଫେସର ଡ. ପତିତପାବନ ଦଳାଇ, ମୁଖ୍ୟବକ୍ତା ରୂପେ ପ୍ରଫେସର ଡ. ଶରଚ୍ଚନ୍ଦ୍ର ମହାପାତ୍ର ଏବଂ ସମ୍ମାନିତ ଅତିଥି ରୂପେ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଆଡଭୋକେଟ୍ ଶିବସୁନ୍ଦର ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ସାମନ୍ତରାୟ ଓ ଦୟାନିଧି ସାହୁ ଯୋଗଦେଇ ରାମାୟଣ-ତ୍ୟାଗ ଓ ମହନୀୟତାର ଏକ ଅମୂଲ୍ୟ ଗ୍ରନ୍ଥ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ଗୟାପ୍ରସାଦ ମିଶ୍ର, ସମରେନ୍ଦ୍ର ବଳିଆରସିଂହ, ବିଦ୍ୟାଧର ଲେଙ୍କା, ଡ. ଚପଳା ପଣ୍ଡା, ବିଳାସିନୀ ଦାଶ, ସୌଭାଗ୍ୟକୁମାର କର, ବ୍ରଜକିଶୋର ସାହୁ, ଆଡଭୋକେଟ୍ ବିକ୍ରମକେଶରୀ ଚମ୍ପତି, ନଳିନୀ ଦାଶ, ନାରାୟଣ ଦାସ ଓ ଶାନ୍ତିଲତା ଦେବୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ନୀଳାଦ୍ରି ଜଗଦ୍ଦେବ, କୈଳାସ ଚନ୍ଦ୍ର ପୃଷ୍ଟି ଓ ପଣ୍ଡିତ ବାସୁଦେବ ସାହୁଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ସଂସଦର ସଂଯୋଜକ ଗୋବିନ୍ଦ ଚନ୍ଦ୍ର ମହାରଣା ଅତିଥି ପରିଚୟ ଓ ଆୟୋଜିକା ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ। ଜ୍ୟୋତିରଞ୍ଜନ ସାହୁ, ଦିଲ୍ଲୀପ କୁମାର କର ଓ ସୁକାନ୍ତ କୁମାର ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଡିସେମ୍ବର ୪ରେ କୋଣାର୍କ ସାହିତ୍ୟ ଆସର ଓ ଚିତ୍ରକଳା ପ୍ରଦର୍ଶନୀ

ଭୁବନେଶ୍ୱର (ପିଏନ୍): ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା କୋଣାର୍କ ଉତ୍ସବ-୨୦୨୨ ଅବସରରେ ଆସନ୍ତା ଡିସେମ୍ବର ୪ ତାରିଖରେ କୋଣାର୍କ ସାହିତ୍ୟ ଆସର ଓ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହେବ। କୋଣାର୍କର ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ପୂର୍ବାହ୍ନ ୯ଟା୩୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଦୁଇଟି ଅଧିବେଶନରେ ସାହିତ୍ୟ ଆଲୋଚନା, ବ୍ୟଙ୍ଗ କବିତା ଆସର, ଅଣୁଗଳ୍ପ ଓ କବିତା ପାଠ, ପୁସ୍ତକ ଉନ୍ମୋଚନ ସହିତ ଚଳିତବର୍ଷ ୯ଜଣ ସାରସ୍ୱତ ପ୍ରତିଭାଙ୍କୁ ସମ୍ମାନୀତ କରାଯିବ ବୋଲି କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଓ ସଂପାଦକ ରବୀନ୍ଦ୍ରନାଥ ବାହିନୀପତି ସୂଚନା ଦେଇଛନ୍ତି। ଚଳିତବର୍ଷ ବିଶିଷ୍ଟ କବୟିତ୍ରୀ ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ରଙ୍କୁ 'କୋଣାର୍କ ସାହିତ୍ୟ ସମ୍ମାନ', ବିଶିଷ୍ଟ ପ୍ରାବନ୍ଧିକ ତଥା ଗବେଷକ ଡକ୍ଟର ବିବୁଧ ରଞ୍ଜନଙ୍କୁ 'ଅର୍କପ୍ରଜ୍ଞା ସମ୍ମାନ', ବିଶିଷ୍ଟ ବ୍ୟଙ୍ଗକବି ସତ୍ୟାନାଶଙ୍କୁ 'ବ୍ୟଙ୍ଗରାଜ ସମ୍ମାନ', ବିଶିଷ୍ଟ ଭାଷ୍ୟକାର ତଥା ସଂଯୋଜକ ଡକ୍ଟର ମୃତ୍ୟୁଞ୍ଜୟ ରଥଙ୍କୁ 'କୋଣାର୍କ ଉତ୍ସବ ସମ୍ମାନ', ଚିତ୍ରଶିଳ୍ପୀ ତଥା ଅଭିନେତା ଚିନ୍ତାମଣି ବିଶ୍ୱାଳଙ୍କୁ 'କୋଣାର୍କ କଳା ସମ୍ମାନ', ଭୁବନେଶ୍ୱରସ୍ଥିତ ଇଫକୋ କାର୍ଯ୍ୟାଳୟକୁ 'ଓଡିଆ ରାଜଭାଷା ସମ୍ମାନ', ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ରାଜକିଶୋର ଗୋଛାୟତଙ୍କୁ 'ଅର୍କସ୍ୱର ସମ୍ମାନ', ବିଶିଷ୍ଟ ସମାଜସେବୀ ଉମେଶ ଚନ୍ଦ୍ର ସ୍ୱାଇଁଙ୍କୁ 'କୋଣାର୍କ ସେବା ସମ୍ମାନ' ଓ କବୟିତ୍ରୀ ସୁଜାତା ସିହ୍ନାଙ୍କୁ 'ମା ରୁକ୍ମିଣୀ ଦେବୀ ସ୍ମୃତି ସମ୍ମାନ' ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯିବ। ଏହି ଅବସରରେ ବ୍ୟଙ୍ଗକବି ସର୍ବଗିଳାଙ୍କ ରଚିତ ପୁସ୍ତକ 'ଭଦ୍ର ଖେଚଡ'ର ପାଠକାର୍ପଣ କରାଯିବ। ସାହିତ୍ୟ ଓ ଚିତ୍ରକଳାର ଯୁଗଳବନ୍ଦୀ କାର୍ଯ୍ୟକ୍ରମରେ ଏକାଧିକ ଚିତ୍ରଶିଳ୍ପୀ ଚିତ୍ରକଳା ପ୍ରଦର୍ଶନ କରିବେ। ରାଜ୍ୟ ପର୍ଯ୍ୟଟନ ବିଭାଗ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ କୋଣାର୍କ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ସାରସ୍ୱତ ଉତ୍ସବରେ ଓଡିଶା ତଥା ରାଜ୍ୟ ବାହାରୁ ଦୁଇଶହରୁ ଅଧିକ ସାହିତ୍ୟ ସାଧକ ଓ ସାହିତ୍ୟପ୍ରେମୀ ଯୋଗଦେବେ ବୋଲି କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ କୁହାଯାଇଛି। ଆୟୋଜିତ ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବାନରସେନା ସଂପାଦକ ପ୍ରକାଶଚନ୍ଦ୍ର ଖଟୋଇ, କବୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀ, କବି ଚିତ୍ତରଂଜନ ବିଶ୍ୱାଳ, କୋଣାର୍କ ଓକିଲ ସଂଘ ସଭାପତି ଶ୍ରୀଜୟ ବରାଳ, ସମାଜସେବୀ ନିରଞ୍ଜନ ସାହୁ, ରାମକୃଷ୍ଣ ମହାନ୍ତି, ନିରଂଜନ ତ୍ରିପାଠୀ ଓ କୁନାଲ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଜାରକାସ୍ଥିତ ଗାର୍ଡ଼ କାର୍ଯ୍ୟାଳୟରେ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି କାମଦେବ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ ମୁଖ୍ୟଅତିଥି ଓ ସ୍ତମ୍ଭକାର ନବଘନ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂଆ ଓଡ଼ିଶା ଗଠନରେ ମହତାବଙ୍କ ଅବଦାନ ସଂପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକାରୀ ସଭାପତି କାହ୍ନୁ ଚରଣ ଦାଶ ଅତିଥି ପରିଚୟ ପ୍ରଦାନ ଓ ସାଧାରଣ ସଂପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକ, ଶିଶୁ ସାହିତ୍ୟିକ ଡ. ମହେଶ୍ୱର ଜେନାସାମନ୍ତ, ଗାଳ୍ପିକ ଅର୍ଜୁନ ପୃଷ୍ଟି, ସାହିତ୍ୟିକ ଧ୍ରୁବ ଚରଣ ବିଶ୍ୱାଳ, ଗୋବିନ୍ଦଚନ୍ଦ୍ର ସାହୁ, ଗୋଲକ ଚନ୍ଦ୍ର ପଲେଇ, ଶରତ କୁମାର ଶତପଥୀ, ଗଣେଶ୍ୱର ବେହେରା, ସତ୍ୟାନନ୍ଦ ପ୍ରଧାନ, ଅଖିଳ କୁମାର ସ୍ୱାଇଁ, ସରୋଜିନୀ ପଣ୍ଡା ଓ କାଦମ୍ବିନୀ ମିଶ୍ର ଯୋଗଦେଇ ଡ. ମହତାବଙ୍କ ସାହିତ୍ୟକୃତି, ସାମ୍ବାଦିକତା ଓ ରାଜନୈତିକ ଜୀବନର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଗବେଷିକା ଡ. ସସ୍ମିତା ଦାଶଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଦୀନବନ୍ଧୁ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ରାସ୍ତାରେ ବୋହିଯାଉଛି କେନାଲ ପାଣି



ଧର୍ମଶାଳା (ପିଏନ୍): ଚାଷଜମିକୁ ଜଳସେଚନ କରିବାପାଇଁ କେନାଲ୍ ମାଧ୍ୟମରେ ପାଣି ଛଡ଼ାଯାଉଛି । ହେଲେ ନିମ୍ନମାନର ମରାମତି କାମ ପାଇଁ ରାସ୍ତାରେ ବୋହିଯାଉଛି କେନାଲ୍ ପାଣି । ଧର୍ମଶାଳା ବ୍ଲକ ଜାରକା ପଞ୍ଚାୟତ ଦୁବଗଡ଼ିଆ ମୌଜାରେ ଏଭଳି ଦୃଶ୍ୟ ବାରମ୍ବାର ଦେଖିବାକୁ ମିଳୁଛି । ଦୁର୍ବଳ କେନାଲ ବନ୍ଧ ଓ ମରାମତି ଅଭାବରୁ କେନାଲରୁ ପାଣି ବୋହିଯାଇ ରାସ୍ତାରେ ଲହଡ଼ି ଭାଙ୍ଗୁଛି । ପାଣିକାଦୁଅ ରାସ୍ତାରେ ଯାତାୟାତ କରିବା ସ୍ଥାନୀୟ ଅଂଚଳବାସୀଙ୍କ ପାଇଁ କଷ୍ଟକର ହେଉଛି । ଏ ସଂପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଚାଷୀମାନେ ବାରମ୍ବାର ଅବଗତ କରୁଥିଲେ ମଧ୍ୟ କେହି ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି । ପ୍ରକାଶ ଯେ, ବିରୂପା ନଦୀରୁ ହାଇଲେଭଲ୍ କେନାଲ୍ ମାଧ୍ୟମରେ ଧର୍ମଶାଳା ବ୍ଲକର ଛାଷଜମି ପାଇଁ ପାଣି ଛଡ଼ାଯାଏ । ହାଇଲେଭଲ୍ କେନାଲରୁ ୧୩ ଓ ୧୪ନମ୍ବର କେନାଲ୍ ଦେଇ ବିଭିନ୍ନ ଅଂଚଳକୁ ପାଣିଯାଉଛି । ଦୁବଗଡ଼ିଆ ମୌଜାରେ ୧୪ନମ୍ବର କେନାଲରୁ ବାହାରିଥିବା ଶାଖା କେନାଲରେ ଶଙ୍ଖାରିଡ଼ିହ ମୌଜାକୁ ପାଣି ଯାଇଥାଏ । ହେଲେ ଏହି ଶାଖା କେନାଲର ଦୁବଗଡ଼ିଆ ଗାଁ ଶ୍ମଶାନ ନିକଟରେ ବାରମ୍ବାର ଘଳିଆ ପଡୁଛି । କେନାଲରୁ ପାଣି ବାହାରି ନିକଟରେ ଥିବା ରାସ୍ତାରେ ପ୍ରବାହିତ ହେଉଛି । ଏହି ରାସ୍ତାରେ ସ୍ଥାନୀୟ ଉତର ଶାସନ, ନାଉପାଳ ଓ ଦୁବଗଡ଼ିଆ ଆଦି ଗ୍ରାମର ଶହ ଶହ ଲୋକ ଏବଂ ବହୁ ଗାଡ଼ିମୋଟର ଯାତାୟାତ କରୁଛନ୍ତି । ଅନେକ ସମୟରେ ଉକ୍ତ ରାସ୍ତାରେ କେନାଲ ପାଣି ପ୍ରବାହିତ ହେଉଛି । ଫଳରେ ଯା'ଆସ କରିବାରେ ବହୁ ସମସ୍ୟା ସୃଷ୍ଟି ହେବାସହିତ ରାସ୍ତା ନଷ୍ଟ ହେଉଛି । ଏନେଇ ସ୍ଥାନୀୟ ଚାଷୀ ବହୁବାର ଜାରକା ସେଚ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ କରାଯାଉନାହିଁ। ପ୍ରତିବର୍ଷ ଚାଷୀମାନେ ଜଳକର ଦେଉଥିବା ବେଳେ ଆବଶ୍ୟକ ଅନୁଯାୟୀ କେନାଲ ପାଣି ପାଇପାରୁନାହିଁ । ଫଳରେ ପାଣି ଅଭାବରୁ ଫସଲହାନୀ ହେଉଛି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ବିଦ୍ୟୁତ୍ କର୍ମଚାରୀଙ୍କୁ ଗୋଡ଼ାଇଲେ ଗ୍ରାହକ

ଧର୍ମଶାଳା (ଇମିସ): ବିନା ଅନୁମତିରେ ଘରେ ପଶି ବିଦ୍ୟୁତ୍ ବ୍ୟବହାର ଯାଂଚ କରୁଥିବା ଟାଟା କମ୍ପାନୀର କର୍ମଚାରୀଙ୍କୁ ବିଦ୍ୟୁତ୍ ଗ୍ରାହକମାନେ ଗାଳିଗୁଲଜ କରିବା ସହିତ ଘଉଡ଼ାଇ ଦେଇଛନ୍ତି । ତେବେ ଏ ସଂପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି । ପ୍ରକାଶ ଯେ, ଧର୍ମଶାଳା ବ୍ଲକ କୁମାରୀ ପଂଚାୟତର ଜଣେ ଗ୍ରାହକଙ୍କ ବିଦ୍ୟୁତ୍ ବ୍ୟବହାର ଯାଂଚ କରିବାପାଇଁ କେତେକ କର୍ମଚାରୀ ତାଙ୍କ ଘରେ ପଶିଥିଲେ । ବିନା ଅନୁମତିରେ ଅଜଣା ଲୋକମାନେ ହଠାତ୍ ଘର ଭିତରେ ପଶିଯିବାରୁ ମହିଳାମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ପରେ ଏହାକୁ ନେଇ କାର୍ଯ୍ୟରତ ବିଦ୍ୟୁତ୍ କର୍ମଚାରୀମାନଙ୍କୁ ଗ୍ରାହକଙ୍କ ସଂପର୍କୀୟମାନେ ଘରୁ ତଡ଼ି ଦେଇଥିଲେ । ବିଦ୍ୟୁତ୍ କର୍ମଚାରୀଙ୍କ ମାତ୍ରାଧିକ କଟକଣା ଓ ଯାଂଚକୁ ନେଇ ଅନେକ ସମୟରେ ଗ୍ରାହକ ଓ କର୍ମଚାରୀଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିବା ଜଣାପଡ଼ିଛି ।

## ରକ୍ତଦାତା ସମ୍ବର୍ଦ୍ଧନା ସମାରୋହ: ୧୨୦ ଜଣ ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର (ପିଏନ୍): କଳିଙ୍ଗନଗର ସେବା ସମିତି ତରଫରୁ ରକ୍ତଦାତା ସମ୍ବର୍ଦ୍ଧନା ସମାରୋହ ଉତ୍ସବ ସ୍ଥାନୀୟ ସାଇ ରେସୋର୍ଟଠାରେ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱରକୁ ଓଡିଶାର କୋଣ ଅନୁକୋଣରୁ ଆସୁଥିବା ରୋଗୀମାନଙ୍କୁ ପ୍ରତ୍ୟକ୍ଷ ଭାବେ ରକ୍ତଦାନ କରୁଥିବା ବନ୍ଧୁମାନଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି । ଏହି ସମ୍ବର୍ଦ୍ଧନା ସମାରୋହରେ ଯେଉଁମାନେ ତିନିଥରରୁ ଅଧିକ ଥର ରକ୍ତଦାନ କରି ଅନ୍ୟର ଜୀବନ ବଂଚାଇବାରେ ସାହାଯ୍ୟ କରିଛନ୍ତି, ସେହିପରି ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା କରାଯାଇଛି । ଏହି କାର୍ଯ୍ୟକ୍ରମରେ ଆମ୍ରି ହସ୍ପିଟାଲର ମେଡିକାଲ ସୁପରିଣ୍ଟେଣ୍ଡଣ୍ଟ ଡ. ସିଦ୍ଧାର୍ଥ ମିଶ୍ର ମୁଖ୍ୟ ଅତିଥି, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ପ୍ରାନ୍ତପ୍ରଚାରକ ଶ୍ରୀ ବିପିନ୍ ପ୍ରସାଦ ନନ୍ଦ ମୁଖ୍ୟବକ୍ତା ଓ ସଂଘର ମହାନଗର ସଂଘଚାଳକ ଡ. ବସନ୍ତ କୁମାର ପତି ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ୧୨୦ ଜଣ ରକ୍ତଦାତାଙ୍କୁ ଆୟୁର୍ବେଦିକ ବୃକ୍ଷ, ମାନପତ୍ର ଦେଇ ସମ୍ମାନୀତ କରିଥିଲେ ।




# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବାଇକ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

କେନ୍ଦ୍ରାପଡା, (ପିଏନ)- କଟକ-ଚାନ୍ଦବାଲି ରାସ୍ତାର ଜମଧର ଠାରେ ଗତ ୧୩ତାରିଖ ସନ୍ଧ୍ୟାରେ ଏକ ବାଇକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାଇ ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଗହଗାନରସିଂପୁର ଗ୍ରାମର ଜ୍ଞାନରଞ୍ଜନ ପଣ୍ଡା ନାମକ ବ୍ୟକ୍ତି ଜଣକ ଗତ କିଛିବର୍ଷ ହେବ ମୁଲମଜୁରୀ ଲାଗିବାକୁ କେନ୍ଦ୍ରାପଡା ସହରର ମୀରପାଟଣା ଗ୍ରାମକୁ ଆସିଥାନ୍ତି । ସେ ଗତ ୧୩ତାରିଖ ସନ୍ଧ୍ୟାରେ ମଜୁରୀ ଲାଗି ଘରକୁ ସାଇକେଲରେ ଫେରୁଥିବା ବେଳେ ଜମଧର ନିକଟରେ ତାଙ୍କୁ ଏକ ବାଇକ ଧକ୍କା ଦେବାରୁ ସେ ତଳେ ପଡିଯାଇଥିଲେ । ତାଙ୍କୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭ ର୍ତ୍ତି କରାଯାଇଥିଲା । ତାଙ୍କ ଅବସ୍ଥା ଗୁରୁ ତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ଗତ ୧୫ତାରିଖ ରାତି ପ୍ରାୟ ସାଢେ ୮ଟା ସମୟରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ସୂଚନା ମିଳିଛି । ମୃତକଙ୍କ ପରିବାର ପକ୍ଷରୁ ଏସମ୍ପର୍କରେ ସଦର ଥାନାରେ ଅଭିଯୋଗ କରାଯାଇଥିବା ଜଣାପଡିଛି ।

# ଯୁବକକୁ ମାରଣାନ୍ତକ ଆକ୍ରମଣ ଘଟଣା : ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ

ଧର୍ମଶାଳା,(ପିଏନ)- ଯାଜପୁର ଜିଲା ଧର୍ମଶାଳା ବ୍ଲକ ବଡଚଣା ବ୍ଲକ ସୀମାନ୍ତ ଅଂଚଳ କଦମପାଳ-ବନମାଳୀପୁର ମଧ୍ୟସ୍ଥଳରେ ବାଙ୍କି ବନ୍ଧ ନିକଟରେ ଘଟିଥିବା ବିଭତ୍ସ ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତକୁ ଗିରଫ କରିବା ତହ ବ୍ୟବହୃତ ଏକ ଧାରୁଆ କଟୁରୀକୁ ଜବତ କରିଛି । ଅଭିଯୁକ୍ତ ଜଣକ ହେଲେ ବନମାଳୀପୁର ଗ୍ରାମର ସମ୍ପର୍କୀୟ ଭାଇ ପ୍ରଶାନ୍ତ ସେଠୀ ବୋଲି ଜଣାପଡିଛି । ପାରିବାରିକ ପୂର୍ବ ଶତୃତାରୁ ଏଭଳି କାଣ୍ଡ ଭିଆଇଥିବା ନେଇ ପୋଲିସ ଆଗରେ ପ୍ରଶାନ୍ତ ସ୍ୱୀକାର କରିଥିବା ନେଇ ଯାଜପୁର ଏସଡିପିଓ ଚିନ୍ମୟ କୁମାର ନାୟକ ବାଲିଚନ୍ଦ୍ରପୁର ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।ସୂଚନା ଥାଉକି ଗତ କାଲି ସନ୍ଧ୍ୟା ୭ ଘଟିକା ସମୟରେ ଦୃବୃତଙ୍କ ଆକ୍ରମଣରେ ରାସ୍ତାରେ ଉପରେ ପଡିଥଲା ଏକ ଯୁବକର ମୃତ ଦେହ । ସ୍ଥାନୀୟ ଲୋକେ ରାସ୍ତାରେ ଯାତାୟତ ସମୟରେ ଦେଖିବାପରେ ଖବର ପଚାରିତ ହେବା ସହ ବାଲିଚନ୍ଦ୍ରପୁର ଥାନାକୁ ଖବର ଦିଆଯାଇଛି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ ଚଳାଇଥିଲା । ତଦନ୍ତ ସମୟରେ ମୃତ ଯୁବକର ପରିଚୟ ମିଳିଥିଲା । ମୃତ ଜଣକ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବନମାଳିପୁର ଗ୍ରାମର ଉତ୍ସବ ସେଠୀ(୩୨) ବୋଲି ଜଣାପଡିଥିଲା । ପୋଲିସ ୨୮୦/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ଏବଂ ଘଟଣାସ୍ଥଳରୁ ଏକ ବାଇକ ଜବତ କରିଥିଲା ।

# ଖପ୍ରାଖୋଲ ଅଞ୍ଚଳରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଙ୍କୁ ଭବ୍ୟ ସ୍ୱାଗତ

ଖପ୍ରାଖୋଲ,(ପି.ଏନ): ଓଡ଼ିଶା ର ଉପମୁଖ୍ୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ବଲାଙ୍ଗୀର ଜିଲ୍ଲା ତଥା ପାଟଣାଗଡ ନିର୍ବାଚନ ମଣ୍ଡଳୀ ମଙ୍ଗଳବାର ଗସ୍ତ କରିଛନ୍ତି । ଏହି ଅବସରରେ ଖପ୍ରାଖୋଲ ବ୍ଲକ୍ ଅଞ୍ଚଳ ମଧ୍ୟ ଗସ୍ତ କରିଥିଲେ ।ପ୍ରଥମେ ଓଡ଼ିଆପାଲି ଗାଁ ରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବା ବେଳେ ପରେ କପସିପାଲି ଠାରେ ଗ୍ରାମବାସୀ ସ୍ୱାଗତ କରିଥିଲେ । ପରେ ଖପ୍ରାଖୋଲ ବ୍ଲକ୍ ସମ୍ମୁଖରୁ ହଜାର ହଜାର ସମର୍ଥକ , ଦଳୀୟ କର୍ମୀ ବାଦ୍ୟ ର ତାନେ ତାନେ ସ୍ୱାଗତ କରି ପାଛୋଟି ନେଇଥିଲେ । ବ୍ଲକ୍ ପ୍ରଶାସନ ମଧ୍ୟ ସ୍ୱାଗତ ଜଣାଇଥିଲେ । ପରେ ଦଳୀୟ କାର୍ଯ୍ୟାଳୟ ଠାରେ ଭାରତ ମାତା, ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ, ଡାକ୍ତର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଫଟୋ ଚିତ୍ର ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଦଳୀୟ କର୍ମୀ ମାନେ ଉପମୁଖ୍ୟ ମନ୍ତ୍ରୀ ତଥା ପାଟଣାଗଡ ବିଧାୟକ କନକ ବର୍ଦ୍ଧନ ସିଂଦେଓ, ବଲାଙ୍ଗିର ଲୋକ ସଭା ସାଂସଦ ସଙ୍ଗୀତା କୁମାରୀ ସିଂଦେଓ, ଝିଅ ନିବୃତ୍ତି କୁମାରୀ ମେବାଡ଼ ଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଆୟୋଜିତ ପଥପ୍ରାନ୍ତ ସଭାରେ ଉପମୁଖ୍ୟ ମନ୍ତ୍ରୀ ସିଂଦେଓ ଅଞ୍ଚଳ ର ଭୋଟର ତଥା ସମର୍ଥକ, ଦଳୀୟ କର୍ମୀ ଙ୍କୁ ତାଙ୍କ ବିଜୟ ଓ ଉପମୁଖ୍ୟ ମନ୍ତ୍ରୀ ଦାୟିତ୍ୱ ପାଇଁ କୃତଜ୍ଞତା ଜଣାଇଥିଲେ ।

# ଭଦ୍ରକ : ଅବକାରୀ କର୍ମଚାରୀଙ୍କୁ ମାଡ ମାରିଥିବା ୩ ମଦ ମାଫିଆ ଗିରଫ

ଭଦ୍ରକ, (ପିଏନ)- ଅବକାରୀ କର୍ମଚାରୀମାନଙ୍କୁ ମଦ ମାଫିଆଙ୍କ ଆକ୍ରମଣ ଘଟଣାରେ ଭଦ୍ରକ ପୁରୁଣାବଜାର ଥାନା ପୁଲିସ୍ ୩ ଜଣ ଅଭିଯୁକ୍ତଙ୍କୁ ଆଜି ଗିରଫ କରିଛି । ଖବର ଅନୁଯାୟୀ ଚଳିତ ମାସ ୭ ତାରିଖ ଦିନ ପୁରୁଣାବଜାର ଥାନା ମିର୍ଜାପୁର ଅଂଚଳରେ, ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା । ଏହି ଚଢାଉ ସମୟରେ ବିପୁଳ ପରିମାଣର ମଦ ସହ ୨ ଜଣ ଗିରଫ ହୋଇଥିଲେ । ହେଲେ ମଦ ମାଫିଆମାନଙ୍କ ପାଲଟା ଆକ୍ରମଣର ସମ୍ମୁଖୀନ ହୋଇଥିଲେ ଅବକାରୀ କର୍ମଚାରୀ । ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ସହ ମଦକୁ ବି ଛଡାଇ ନେଇଥିଲେ ଆକ୍ରମଣକାରୀ । ଏବଂ ଅଭିଯୁକ୍ତମାନେ ସମସ୍ତ ୭ ଜଣ ଅବକାରୀ କର୍ମଚାରୀଙ୍କୁ ମାଡ ମାରି ଆହତ କରିବା ସହ ଗ୍ରାମରେ ଅଟକାଇ ରଖିଥିଲେ ।

ପରେ ଏନେଇ ଥାନାରେ ଅଭିଯୋଗ ହୋଇଥିଲା । ପରେ ପୁଲିସ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା । ଶେଷରେ ଆଜି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ୍ । ଏହି ଅଭିଯୁକ୍ତମାନେ ହେଲେ ତପନ ବେହେରା, ଅମର ବେହେରା ଓ ଦୀପକ ବେହେରା । ସମସ୍ତେ ମିର୍ଜାପୁର ଅଂଚଳର ବୋଲି ଜଣାପଡିଛି ।

# ଦୁତିପଡା ଏଏନଏମଙ୍କ ବିରୁଦ୍ଧରେ ଦାବିପତ୍ର ପ୍ରଦାନ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ଅନ୍ତର୍ଗତ ଦୂତିପଡ଼ା ଗ୍ରାମ ପଂଚାୟତରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନଏମଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଅଂଚଳବାସୀ ଏକ ଅଭିଯୋଗ ପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଛନ୍ତି । ସେମାନେ ଦେଇଥିବା ଅଭିଯୋଗ ଅନୁସାରେ, ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦୁତିପଡା ଏବଂ ଆଖପାଖର ଶତାଧିକ ଲୋକ ନିର୍ଭର କରୁଛନ୍ତି । ହେଲେ ସେହି କେନ୍ଦ୍ରର ଦାୟୀତ୍ୱରେ ଥିବା ଏ.ଏନ.ଏମ ନିୟମିତ ନ ଆସିବାରୁ ମାସର ଅଧିକାଂଶ ସମୟ ଉକ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲୁଛି । ଉକ୍ତ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଏଏନଏମ୍ ପ୍ରଭାସିନି ନାୟକଙ୍କ ମନମୁଖୀ କାର୍ଯ୍ୟରେ ଅଂଚଳବାସୀ ଅତିଷ୍ଠ ହୋଇ ଜିଲାପାଳ ଓ ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି । ଅଭିଯୋଗ ପ୍ରକାରେ, ଏଏନଏମ୍ ଜଣକ ନିୟମିତ ଭାବେ କାର୍ଯ୍ୟକୁ ଆସୁନଥିବାରୁ ସେହି ଉପସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଥିବା ଲୋକେ ସଠିକ୍ ସମୟରେ ସ୍ୱାସ୍ଥ୍ୟ ସେବା ନ ପାଇ ସମସ୍ୟାରେ ପଡୁଛନ୍ତି । ଫଳରେ ସେମାନଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ କିମ୍ବା ଖଜୁରିପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡୁଛି । ନିଜ ଗାଁରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଥିଲେ ମଧ୍ୟ ସେମାନେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି । ବିଭିନ୍ନ ସମୟରେ ଗର୍ଭବତୀ, ନବଜାତ ଶିଶୁ ଓ ପ୍ରସୂତିମାନେ ଅନେକ ସମୟରେ ସେବା ପାଇବାରୁ ବଂଚିତ ହେଉଛନ୍ତି । ଏନେଇ ଏଏନଏମଙ୍କ କହିଲେ ମିଥ୍ୟା କେସ୍ ଦେଇ ଲୋକଙ୍କୁ ହଇରାଣ କରୁଥିବା ମଧ୍ୟ ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ଏ ଦିଗରେ ଜିଲା ପ୍ରଶାସନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଅ ଳବାସୀ ଦାବିକରିଛନ୍ତି ।

# ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଏମଡ଼ିଏମ୍ ସଂଘର ମୟୂରଭଞ୍ଜ ଶାଖା ପକ୍ଷରୁ ବିକ୍ଷୋଭ

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଏମ୍‌ଡ଼ିଏମ୍ ପାଚିକା ଓ ସହାୟିକାମାନଙ୍କର ୨୮ ମାସର ଏରିଆର ପ୍ରଦାନ ସହ ବକେୟା ୩ ମାସର ଦରମା ଏବଂ ବେଆଇନ ଭାବେ ଛଟେଇ ହୋଇଥିବା ପାଚିକା ଓ ସହାୟିକାମାନଙ୍କୁ ପୁନଃ ନିଯୁକ୍ତି ବାବିରେ ଆଜି ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର ମୟୂରଭଞ୍ଜ ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରୋନା ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର କୋଷାଧ୍ୟକ୍ଷ ଅମଳ ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକର୍ତନ କବି, ପ୍ରଶାନ୍ତ ପରିଡ଼ା, କୁଞ୍ଜଲତା ମହାନ୍ତ, ସନ୍ଧ୍ୟା ବେହେରା, ମାଳତୀ ମହାନ୍ତ, ରଞ୍ଜିତା ରାଉତ, ମେରିଆ ହାଁସଦାଃ, ବୀଣାପାଣି ନାୟକ, ଆଲାଦି ହେମ୍ବ୍ରମ, କାଲୁ ଦେହୁରୀ, ମଞ୍ଜୁଳା ମହାନ୍ତ, ଆରତୀ କବି, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରାଇଥିଲେ । ଏହାପରେ ଏକ ପ୍ରତିଧି ଦଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ସେମାନଙ୍କ ୮ ଦଫା ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ୩ ମାସର ବକେୟା ଦରମା ପ୍ରଦାନ ନିମନ୍ତେ ବିଲ ଯାଇଛି । ପାଶ ହୋଇ ଆସିବା ପରେ ପ୍ରଦାନ କରାଯିବ । ଏଥି ସହିତ ୨୮ ମାସର ଏରିଆର ଟଙ୍କା ପ୍ରଦାନ ନିମନ୍ତେ ବିଲ ଯାଇଛି । ଭୁବନେଶ୍ୱରରୁ ପାଶ ହୋଇ ଆସିଲେ ମିଳିଯିବ ଏବଂ ଛଟେଇ ପାଚିକା ଓ ସହାୟିକାମାନଙ୍କ ଫାଇଲକୁ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସେହିପରି ଯେଉଁ ଦାବିଗୁଡ଼ିକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କ୍ଷମତା ପରିସରର ବାହାରେ ସେଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଇବେ ବୋଲି ପ୍ରକାଶ କରିଥିଲେ ।

# ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧ୍ୟକ୍ଷା ଅନୁପମା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧ୍ୟାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିଲିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।



Bhubaneswar Wednesday July 10, 2024 ଭୁବନେଶ୍ୱର ବୁଧବାର, ଜୁଲାଇ ୧୦,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ପୂର୍ବତଟ ରେଳପଥ ପକ୍ଷରୁ ଭୁବନେଶ୍ୱର ଷ୍ଟେସନରେ ଅତ୍ୟାଧୁନିକ କ୍ରୀୟୁ ଲବି ସୁବିଧା ଯୋଗାଇ ଦିଆଯାଇଛି

ଭୁବନେଶ୍ୱର,(ପି.ଏନ): ଉତ୍ସର୍ଗୀକୃତ ଲୋକୋ ପାଇଲଟ, ସହକାରୀ ଲୋକୋ ପାଇଲଟ ଏବଂ ଗାର୍ଡଙ୍କ କଲ୍ୟାଣକୁ ପ୍ରାଥମିକତା ଦେବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଭୁବନେଶ୍ୱର ଷ୍ଟେସନର କ୍ରୀୟୁ ଲବିରେ ଅତ୍ୟାଧୁନିକ ସୁବିଧା ଉପଲବ୍ଧ କରାଯାଇଛି ।ଉପଯୁକ୍ତ ବିଶ୍ରାମ ଓ ଅବସର ବିନୋଦନର ଜରୁରୀ ଆବଶ୍ୟକତାକୁ ବୁଝି ଭୁବନେଶ୍ୱରର ବିଶ୍ରାମ ଗୃହ ଓ ଲବିଗୁଡ଼ିକୁ ଅଧିକରୁ ଅଧିକ ଆରାମ ଏବଂ ସୁବିଧା ପ୍ରଦାନ କରିବା ପାଇଁ ଏକ ଘର ପରି ପରିବେଶ ପ୍ରଦାନ କରିବା ପାଇଁ ସଜ୍ଜିତ କରାଯାଇଛି । ପ୍ରତ୍ୟେକ ବିଶ୍ରାମ କକ୍ଷରେ ଆରାମଦାୟକ ଶଯ୍ୟା, ଏୟାର କଣ୍ଡିସନିଂ ଏବଂ ଆରାମଦାୟକ ଲାଉଞ୍ଜ ରହିଛି ଯାହା ଦ୍ୱାରା କ୍ରୀୟୁ ସଦସ୍ୟମାନଙ୍କୁ ତାଙ୍କର ଉତ୍ସର୍ଗୀକୃତ ଦାଇତ୍ୱ ପୂର୍ବରୁ ପୁନଃ ସଜାଗ ହେବାକୁ ସାହାଯ୍ୟ କରିବ। ବିଶେଷ କରି ଯେଉଁ କ୍ରୃ ମେମ୍ବରମାନେ ଅଧିକାଂଶ ରାଜ୍ୟ ବାହାରୁ ଆସିଥାନ୍ତି ସେମାନଙ୍କ ପାଇଁ ଘରୋଇ ପରିବେଶ ସୃଷ୍ଟି କରିବା ପାଇଁ ଭୁବନେଶ୍ୱରର କ୍ରୀୟୁ ଲବିକୁ ସତର୍କତାର ସହ ଡିଜାଇନ୍ କରାଯାଇଛି। ଏହି ପଦକ୍ଷେପ ଦ୍ୱାରା ସେମାନେ ନିଜ ଘରଠାରୁ ଦୂରରେ ଥାଇ ମଧ୍ୟ ଆରାମ ଅନୁଭବ କରନ୍ତି ଏବଂ ଭଲ ଭାବରେ ନିଜର ଯତ୍ନ ନେଇପାରନ୍ତି



।ପରିଷ୍କାର ପରିଚ୍ଛନ୍ନତା ଏବଂ ସ୍ୱଚ୍ଛତାର ସର୍ବୋଚ୍ଚ ମାନ ବଜାୟ ରଖିବା ସହିତ ଆମର ସୁବିଧାଗୁଡ଼ିକ ସତର୍କତାର ସହିତ ରଖାଯାଇଛି, ଯାହା ସମସ୍ତ କର୍ମଚାରୀଙ୍କ ପାଇଁ ଏକ ନିରାପଦ ଏବଂ ସୁସ୍ଥ ପରିବେଶ ଯୋଗାଇଥାଏ । ତାଲିମପ୍ରାପ୍ତ ରୋଷେଇ କର୍ମଚାରୀଙ୍କ ଦ୍ୱାରା ପ୍ରସ୍ତୁତ ପୁଷ୍ଟିକର ଏବଂ ସ୍ୱାଦିଷ୍ଟ ଭୋଜନ ଉଚ୍ଚମାନର କ୍ରୋକରୀ ଏବଂ କଟଲେରୀ ରେ ସଜ୍ଜିତ ଡାଇନିଂରେ ପରିବେଷଣ କରାଯାଏ, ଯାହା ସାମଗ୍ରିକ ଭୋଜନ ଅଭିଜ୍ଞତାକୁ ବଢ଼ାଇଥାଏ ।ଆରାମ ଏବଂ ବିଶ୍ରାମରେ ଅଧିକ ସାହାଯ୍ୟ କରିବା ପାଇଁ, କ୍ରୀୟୁ ଲବିରେ ଟେଲିଭିଜନ, ରିଡିଂ ରୁମ୍ ଏବଂ ଫିଟନେସ୍ ଉପକରଣ ସମେତ ମନୋରଞ୍ଜନ ସୁବିଧା ରହିଛି। ଏହି ସୁବିଧାଗୁଡ଼ିକ ଆମର କ୍ରୃ ସଦସ୍ୟମାନଙ୍କୁ ତାଙ୍କର ଅବକାଶ ସମୟରେ ଆରାମ କରିବା ଏବଂ ପୁନଃ ସଜାଗ ହେବାରେ ସାହାଯ୍ୟ କରିବା ପାଇଁ ଉଦ୍ଦିଷ୍ଟ ।ଆମର ଲୋକୋ ପାଇଲଟ, ଆସିଷ୍ଟାଣ୍ଟ ଲୋକୋ ପାଇଲଟ ଏବଂ ଗାର୍ଡମାନେ ସାମ୍ନା କରୁଥିବା ବିଶେଷ ପରିସ୍ଥିତିକୁ ନଜରରେ ରଖି ପୂର୍ବ ପୂର୍ବତଟ ରେଳପଥ ସେମାନଙ୍କୁ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ପାଇଁ ନିୟମିତ କାଉନସେଲିଂ ଅଧିବେଶନ ମଧ୍ୟ ପ୍ରଦାନ କରିଥାଏ । ଏହି ଅଧିବେଶନଗୁଡ଼ିକ ନିଜ ପରିବାରରେ ଏକ ସହାୟକ ଏବଂ ସକାରାତ୍ମକ ବାତାବରଣ ସୃଷ୍ଟି କରିବା ପାଇଁ ଡିଜାଇନ୍ କରାଯାଇଛି, ଯାହା ସେମାନଙ୍କର ସାମଗ୍ରିକ କଲ୍ୟାଣ ପ୍ରତି ପୂର୍ବ ପୂର୍ବତଟ ରେଳପଥର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

## ଭୁବନେଶ୍ୱରରେ ଦବିଲା ଏନଏଚ୍ ଫ୍ଲାଏଓଭର ରାସ୍ତା

ଭୁବନେଶ୍ୱର, (ପି.ଏନ): ଭୁବନେଶ୍ୱରରେ ଦବିଲା ଏନଏଚ୍ ଫ୍ଲାଏଓଭର ରାସ୍ତା । ଡୁମଡୁମା ଫ୍ଲାଏଓଭର ରାସ୍ତାଟି ଦବିଯାଇଛି । ପ୍ରବଳ ବର୍ଷା ଫଳରେ ରାସ୍ତାଟି ପ୍ରାୟ ୩ ଫୁଟ ଦବିଯାଇଥିବା ସୂଚନା ମିଳିଛି । NH-୧୬ ଫ୍ଲାଏ ଓଭର ରାସ୍ତାଟି ହଠାତ ଦବିଯିବାରୁ ଏକ ମିନିଟ୍ରକ ଘଟଣାସ୍ଥଳରେ ଫସିଯାଇଛି। ଟ୍ରକଟିର ଚ଼କା ମଧ୍ୟ ରାସ୍ତା ସହ ଦବିଯାଇଛି । ୬ମାସ ତଳେ ସର୍ବସାଧାରଣ ଯାତାୟତ ପାଇଁ ଜାତୀୟ ରାଜପଥରେ ଏହି ଫ୍ଲାଏଓଭର ରାସ୍ତାଟି ଖୋଲିଥିଲା । ମାତ୍ର ୬ ମାସରେ ଏହା ଦବିଯିବାକୁ ନେଇ ଅନେକ ପ୍ରଶ୍ନ ଉଠିଛି । ଏନଏଚ୍ଏଆଇର ମନମୁଖି କାର୍ଯ୍ୟ ଓ ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ ଆଣିଛନ୍ତି ଜନସାଧାରଣ।

# ଗଜପତିରେ ବଦଳି ସତ୍ତ୍ୱେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ୨/୩ ବର୍ଷ ହେଲା ଗାଦି ମାଡି ବସିଛନ୍ତି

ପାରଳାଖେମୁଣ୍ଡି, (ପି.ଏନ): ଗଜପତି ଜିଲ୍ଲା ନୂଆଗଡ ବ୍ଲକ୍ ଅଧୀନରେ ଥିବା ଅଧିକାଂଶ ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ମାନେ ଦୀର୍ଘ ୨/୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗାଦି ମାଡ଼ି ବସିଛନ୍ତି. ଏମାନଙ୍କ ଅନ୍ୟତ୍ର ବଦଳି ହେବା ସ୍ୱତ୍ୱ ମଧ୍ୟ ଗାଦି ଛାଡ଼ିବାକୁ ଅମଙ୍ଗ ରହି ଅନ୍ୟତ୍ର ଯାଉନଥିବା ଅଭିଯୋଗ ହୋଇଛି. ପତ୍ର ସଂଖ୍ୟା-୧୬୮୫ ଗତ ତା - ୨୯-୦୬-୨୦୨୪ ରିଖରେ ନୂଆଗଡ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ବିଧିବଦ୍ଧ ଭାବେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମାନଙ୍କୁ ବଦଳି ବିଜ୍ଞପ୍ତି ପ୍ରକାଶ କରାଯାଇଛି। ନୂଆଗଡ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକନାଥ ଶବର ପତ୍ରରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି ଯେ, ଯଥା ଶୀଘ୍ର ଦାୟିତ୍ୱ ହସ୍ତାନ୍ତର କରିବା ସହ କାର୍ଯ୍ୟରେ ଯୋଗ ଦେବା ନିମନ୍ତେ। କିନ୍ତୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମାନେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିର୍ଦ୍ଦେଶକୁ ଖୋଲା ଅବମାନନା କରୁଥିବା ଏଥିରୁ ସ୍ପଷ୍ଟ ଭାବରେ ପ୍ରମାଣିତ ହେଉଛି। ଅଧିକାଂଶ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ସରକାରଙ୍କ ବିଧି ବ୍ୟବସ୍ଥାକୁ ସଠିକ୍ ଭାବେ ଅନୁପାଳନ କରୁନାହାନ୍ତି। ସରକାରୀ ବଦଳି ନିର୍ଦ୍ଦେଶାବଳୀ ଅନୁଯାୟୀ ସରକାରୀ କର୍ମଚାରୀ ମାନେ ଗୋଟିଏ ସ୍ଥାନରେ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗାଦି ମାଡ଼ି ବସି ରହିପାରେ ନାହିଁ। ସରକାରଙ୍କ ନିୟମ ଅନୁଯାୟୀ ୩ ବର୍ଷ ପରେ ସରକାରୀ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଯିବା ପ୍ରାବଧାନ ରହିଛି। ସରକାରୀ କର୍ମଚାରୀ ଗୋଟିଏ ସ୍ଥାନରେ ୩ ବର୍ଷରୁ ଅଧିକ ସମୟ ଧରି ଗୋଟିଏ ସ୍ଥାନରେ ରହିପାରିବେ ନାହିଁ। ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବିସ୍ଥାପିତ ରହିବା ଫଳରେ ବିଶେଷ କରି ବ୍ୟକ୍ତିଗତ ସ୍ୱାର୍ଥ, ସ୍ଥାନୀୟ ରାଜନୀତିରେ ସଂଶ୍ଳିଷ୍ଟ ହୋଇ ଲୋକସ୍ୱାର୍ଥ ବିରୋଧୀ କାର୍ଯ୍ୟ କରିବା, ଦୁର୍ନୀତି ମାଧ୍ୟମ ହେବା ଭଳି ବହୁ ଅଭିଯୋଗ ଆସିଥାଏ। ପ୍ରାୟତଃ ଏହି ଅଭିଯୋଗ ଗୁଡ଼ିକ ସତ୍ୟ ! ଆଗକୁ ଦେଖିବାକୁ ବାକି ରହିଲା.

# ମ୍ୟାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ ଉତ୍ସବ ଅନୁଷ୍ଠିତ

ବାଲିଅନ୍ତା,(ପି.ଏନ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଯଶୁଆପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୨୦୨୩-୨୪ ଶିକ୍ଷାବର୍ଷର ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ବର୍ଷ ଏହି ବିଦ୍ୟାଳୟ ୫ଟ ଅନ୍ତର୍ଭୁକ୍ତ ହୋଇ ଉଚ୍ଚ଼ ବିଦ୍ୟାଳୟରେ ରୂପାନ୍ତରଣ ହୋଇଥିଲା। ତେବେ ଏହି ଉଚ୍ଚ ବିଦ୍ୟାଳୟର ପ୍ରଥମ ବ୍ୟାଚ୍ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ପାଇଁ ଏକ ସଭାର ଆୟୋଜନ କରାଯାଇ ଅତିଥି ମାନଙ୍କ ଉପସ୍ଥିତି ରେ ମିଷ୍ଟାନ ବଣ୍ଟନ କରାଯିବା ସହ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।



ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ସାଂସଦଙ୍କ ବାଲିଅନ୍ତା ବ୍ଲକ ପ୍ରତିନିଧି ଶିବ ମଲ୍ଲିକ୍ ଯୋଗଦେଇ ପିଲାମାନଙ୍କୁ ପ୍ରେରଣାଦାୟୀ ବାର୍ତ୍ତା ପ୍ରଦାନ କରି କିଭଳି ଜୀବନରେ ଜଣେ ଭଲ ମଣିଷ ହେବ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ । ସମ୍ମାନିତ ଅତିଥି ଭାବେ ତୁତୁନୁ ଫାଉଣ୍ଡେସନର ସଭାପତି ଏସ. ଗୌରବ ଯୋଗଦେଇ ନବମ ଏବଂ ଦଶମ ଶ୍ରେଣୀରେ ପାଠ ପଢୁଥିବା ପିଲାମାନଙ୍କୁ ପାଠ ପଢ଼ାରେ ଉତ୍ସାହିତ କରିବା ପାଇଁ ଫାଉଣ୍ଡେସନ ତରଫରୁ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ରାଜଧାନୀ ପୁସ୍ତକ ମେଳାର ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ, ସମାଜସେବୀ ବିଜୟ କୁମାର ମହାରଣା, ସମାଜସେବୀ ଦୁର୍ଯ୍ୟୋଧନ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବନିତା ସ୍ୱାଇଁ, ପ୍ରଧାନ ଶିକ୍ଷୟିତ୍ରୀ ସୀତା ଦେଇ ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ନିଜ ବକ୍ତବ୍ୟ ମାଧ୍ୟମରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ। ଉମାଦେଇବ୍ରହ୍ମପୁର ଗ୍ରାମପଞ୍ଚାୟତର ସମିତିସଭ୍ୟ ତଥା ଯୁବସମାଜସେବୀ ରଞ୍ଜନ କୁମାର ମହାପାତ୍ରଙ୍କ ପ୍ରଚେଷ୍ଟାରେ ଆଜିର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା।

## ରୋଟାରୀ କ୍ଲବ ପକ୍ଷରୁ ଅନ୍ନପୂର୍ଣ୍ଣା ଦିବସ ପାଳିତ

ଧର୍ମଶାଳା, (ପିଏନ୍): ଅନ୍ନପୂର୍ଣ୍ଣା ଦିବସ ଅବସରରେ ଜାରକା ରୋଟାରୀ ଓ ଇନରହୁଇଲ କ୍ଲବ ପକ୍ଷରୁ ଧର୍ମଶାଳା ବ୍ଲକ କୁମାରୀ ପଂଚାୟତ ଜାଲଶୁଖା(ଶାଳପଡ଼ିଆ) ଆଦିବାସୀ ବସ୍ତିରେ ୪୦ଜଣ ଲୋକଙ୍କୁ ରନ୍ଧାଖାଦ୍ୟ, ବିସ୍କୁଟ ଓ ଶାଢ଼ୀ ବଂଟନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ରୋଟାରୀ କ୍ଲବର ସଭାପତି ରାଜେନ୍ଦ୍ର ପ୍ରସାଦ ପଲେଇ ଓ ସମ୍ପାଦକ ଜୟପ୍ରକାଶ ତ୍ରିପାଠୀ, ଇନରହୁଇଲ କ୍ଲବ ର ସଭାପତି ରଶ୍ମିତା ନାୟକ ଓ ସମ୍ପାଦକ ଲୋପାମୁଦ୍ରା ଷଣ୍ଢ ପରିଚାଳନା କରିଥିଲେ। ଏଥିରେ ରୋଟାରୀଆନ କଳାକାର ମହାନ୍ତି, ଧରଣୀଧର ଦାଶ, ଚକ୍ରଧର ଲେଙ୍କା, ଅଜାମ୍ବର ସାହୁ, ହରିହର ପଣ୍ଡା, ବିନୋଦ ବିହାରୀ ପରିଡା, ବିପିନ ଷଡ଼ଙ୍ଗୀ, ପ୍ରମୋଦ ସାମଲ, ସୁକାନ୍ତ ସ୍ୱାଇଁ,ଚନ୍ଦନ ନାୟକ, ଇନରହୁଇଲର ପୂର୍ବତନ ସଭାପତି ମିନତୀ ସାହୁ,ବିଶ୍ୱମିତ୍ରା ସାହୁ ଓ ନଳିନୀପ୍ରଭା ସାହୁ ପ୍ରଭୃତି ସହଯୋଗ କରିଥିଲେ।

## ଭଦ୍ରେଶ୍ୱର ପଂଚାୟତରେ ସୂଚନା ତଥ୍ୟରୁ ଖୋଲିଲା ମନରେଗା କାର୍ଯ୍ୟର ଗୁମର

ମାହାଙ୍ଗା,(ପି.ଏନ) : ଭଦ୍ରେଶ୍ୱର ପଂଚାୟତରେ ମନରେଗା କାର୍ଯ୍ୟରେ କେନାଲ ବନ୍ଧ ଉପରେ ଗଛ ଲଗାଇବାକୁ ନେଇ ହୋଇଥିବା ଅନୀୟମିତତାର ଗୁମର ସୂଚନା ତଥ୍ୟରୁ ଖୋଲିଛି । ବୃକ୍ଷରୋପଣ ନାମରେ କିଭଳି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି ହେଲେ କେତୋଟି ହାତଗଣତି ଗଛ କେନାଲ ବନ୍ଧରେ ବଞ୍ଚିଛି। ସୂଚନାରୁ ଜଣାପଡିଛି ୮ ନଂ କେନାଲ ୮(ଜି) ଶାଖା କେନାଲର ବନ୍ଧରେ ଜହ୍ନିଆ ବଜାରଠାରୁ ପୁରୁଷୋ ମପୁର ପର୍ଯ୍ୟନ୍ତ ମନରେଗା କାର୍ଯ୍ୟରେ ବୃକ୍ଷରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ତା.୧୯.୧୦.୨୦୨୨ ରିଖରେ ଆରମ୍ଭ ହୋଇଥିଲା। ୯୮ ଜଣ ଶ୍ରମିକ ଏଥିରେ କାର୍ଯ୍ୟ କରିଥିଲେ ବୋଲି ତଥ୍ୟରେ ଦର୍ଶାଯାଇଛି। ଏଥିପାଇଁ ମୋଟ ୫ ଲକ୍ଷ ଟଙ୍କା ବ୍ୟୟ ବରାଦ ପାଇଁ ଅଟକଳ କରାଯାଇଥିଲା । ବାସ୍ତବରେ ୭/୮ଜଣ ଶ୍ରମିକ ଏହି କାର୍ଯ୍ୟ କରିଥିଲେ। ନାମକୁ ମାତ୍ର ଗଛ ଲଗାଯାଇ ମନରେଗା କାର୍ଯ୍ୟରେ ସରକାରୀ ହଡପ କରାଯାଇଥିବା ଅଭିଯୋଗ ହୋଇଛି । ବ ର୍ମାନ ୮ ରୁ ୧୦ ଟି ଗଛ ଝାଡେଶ୍ୱରପୁର କଲେଜ ନିକଟରେ ବଞ୍ଚିଥିଲା ବେଳେ ଅବଶିଷ୍ଟ ଗଛ ପାଣି ଅଭାବରୁ ମରିଯାଇଛି । ସୂଚନା ତଥ୍ୟ ମାଗିଲେ ମଧ୍ୟ ବ୍ଲକ ପ୍ରଶାସନ ସଠିକ୍ ସୂଚନା ତଥ୍ୟ ପ୍ରଦାନ କରୁନାହିଁ। କେତେ ଗଛ ରୋପଣ କରାଯାଇଥିଲା । ଉକ୍ତ ଗଛ ଗୁଡିକର ସୁରକ୍ଷା ପାଇଁ ପଂଚାୟତ ପକ୍ଷରୁ କି କି ପଦକ୍ଷେପ ଗ୍ରହଣ କରାଯାଇଥିଲା ସେ ତଥ୍ୟ ମାଗିଲେ ମଧ୍ୟ ମିଳୁନାହିଁ । ତେବେ ପ୍ରଶ୍ନ ଉଠୁଛି ଯେ ମନରେଗା କାର୍ଯ୍ୟରେ ବୃକ୍ଷରୋପଣ କାହା ସ୍ୱାର୍ଥରେ । ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଏଥିରେ ହୋଇଥିବା ଅନୀୟମିତତାକୁ ଲୋକଲୋଚନକୁ ଆଣିବା ପାଇଁ ମାହାଙ୍ଗାର ବିଧାୟକ ଶାରଦା ପ୍ରଧାନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## କଳିକଳୁଷନାଶନ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ବ୍ରତୋପନୟନ କାର୍ଯ୍ୟାକ୍ରମ

ମାହାଙ୍ଗା,(ପି.ଏନ):ମାହାଙ୍ଗା ବ୍ଲକର ନାହାଙ୍ଗ ପଂଚାୟତର ବାଲିପଡାସ୍ଥିତ ଅଢଙ୍ଗମଠ ପରିସରରେ ସନ୍ଥ ନିର୍ଭୟାନନ୍ଦ ନାସଙ୍କ ତତ୍ୱାବଧାନରେ କଳିକଳୁଷନାଶସ ସେବାଟ୍ରଷ୍ଟ ଆନୁକୂଲ୍ୟରେ ସନାତନ ଧର୍ମର ପରମ୍ପରା ଅନୁଯାୟୀ ବୈଦିକ ପଣ୍ଡିତମାନଙ୍କ ଦ୍ୱାରା ଗରିବ ବ୍ରାହ୍ମଣପିଲାମାନଙ୍କର ବ୍ରତୋପନୟନ କାର୍ଯ୍ୟ ସମାପନ କରାଯାଇଛି। ଏହି ବ୍ରତୋପନୟନ ସଂଚାଳନ କାର୍ଯ୍ୟକ୍ରମରେ ପଣ୍ଡିତ ପ୍ରଦୀପ୍ତ କୁମାର ଦ୍ୱିବେଦୀ, ପ୍ରଦ୍ୟୁମ୍ନ କୁମାର ପଣ୍ଡା, ବିଷ୍ଣୁ ପ୍ରସାଦ ଷଡଙ୍ଗୀ, ତପନ କୁମାର ନନ୍ଦ, ଗୋଲଖ ଚନ୍ଦ୍ର ଶତପଥି, ଅଜିତ୍ କୁମାର ଦାଶ, ରାଜକିଶୋର ପଣ୍ଡା, ମନ୍ଦିରର ମୁଖ୍ୟ ପୂଜକ ଅଭିନ୍ନ କୁମାର ଶତପଥି ଅଂଶ ଗ୍ରହଣ କରିଥିଲେ । କ ।କ ।ଭାବେ ରଂଜନ କୁମାର ମିଶ୍ର, ସରୋଜିନୀ ମିଶ୍ର, ମାନସ କୁମାର ଦାସ, ପୁଷ୍ପାଞ୍ଜଳୀ ଦାସ ଦାୟିତ୍ୱ ନିର୍ବାହ କରିଥିଲେ । ପରିବାର ପକ୍ଷରୁ ପ୍ରେମଲତା ମିଶ୍ର, ଅଶୋକ କୁମାର ମିଶ୍ର ଉପସ୍ଥିତ ରହିଥିଲା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ସେବାଟ୍ରଷ୍ଟର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଏହାପୂର୍ବରୁ ମଧ୍ୟ ସେବା ଟ୍ରଷ୍ଟ ପକ୍ଷରୁ ବହୁ ଗରିବ ବ୍ରାହ୍ମଣ ପିଲାମାନଙ୍କର ବ୍ରତୋପନୟନ କାର୍ଯ୍ୟ କରାଯାଇଥିଲା। ସନ୍ଥ ନିର୍ଭୟାନନ୍ଦଙ୍କ ଏଭଳି ମହତ୍ କାର୍ଯ୍ୟକୁ ସର୍ବସାଧାରଣରେ ସ୍ୱାଗତ କରାଯାଇଛି ।

# ଇଂଲଣ୍ଡର ମାଞ୍ଚେଷ୍ଟର ଠାରେ ମହାସମାରୋହରେ ରଥଯାତ୍ରା ଆୟୋଜନ

ମାଞ୍ଚେଷ୍ଟର ,(ପି.ଏନ): ଇଂଲଣ୍ଡର ତୃତୀୟ ବୃତ୍ତମ ମହାନଗର ମାଞ୍ଚେଷ୍ଟରଠାରେ ଚତୁର୍ଥ ରଥଯାତ୍ରା ଉତ୍ସବ ମହାସମାରୋହରେ ପାଳନ କରାଯାଇଥିବା ଜଣାଯାଇଛି। ଏହି ଉପଲକ୍ଷେ ସକାଳୁ ଚାରି ଦିଅଁ ବିରାଜମାନ କରୁଥିବା ଗୀତା ଭବନଠାରେ ମୁଖ୍ୟ ପୂଜାରୀ ପଣ୍ଡିତ ଶ୍ୟାମ ସୁନ୍ଦର ଶର୍ମାଙ୍କର ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ରୀତିନୀତି ଧାର୍ମିକ ବିଧି ମୁତାବକ ସମ୍ପନ୍ନ କରାଯାଇଥିଲା। ରଥଯାତ୍ରା ଦୃଷ୍ଟିରୁ ଗୀତାଭବନକୁ ବେଶ ଚିତ୍ତାକର୍ଷକ ଢଙ୍ଗରେ ସଜ୍ଜା ଯାଇଥିବା ଦେଖାଯାଇଥିଲା। ନର୍ଥୱେଷ୍ଟ ଓଡ଼ିଶା ସୋସାଇଟି ଦ୍ୱାରା ଆୟୋଜିତ ଚଳିତବର୍ଷର ଘୋଷଯାତ୍ରାରେ ପ୍ରାୟ ୫୦୦ ଓଡ଼ିଆ ଓ ଅଣଓଡ଼ିଆ ଭକ୍ତଗଣଙ୍କର ସମାଗମ ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ରଥଟଣା ଓ ରଥ ଉପରେ କାଳିଆ ଠାକୁରଙ୍କର ଦର୍ଶନକୁ ନେଇ ପ୍ରବଳ ଆନନ୍ଦ, ଉତ୍ସାହ, ଉଲ୍ଲାସ ଓ ଉଦ୍ଦୀପନା ପରିଲକ୍ଷିତ କରାଯାଇଥିଲା। ଦିନ ୧୨ଟା ୪୫ ମିନିଟରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଧାଡ଼ି ପହଣ୍ଡି କରାଯାଇ ଗୀତା ଭବନ ସାମ୍ନାରେ ଦଣ୍ଡାୟମାନ ସୁନ୍ଦର, ସୁଶୋଭିତ ଏବଂ ବିଭିନ୍ନ ରଙ୍ଗବେରଙ୍ଗ କପଡାରେ ସୁସଜ୍ଜିତ ୧୮ ଫୁଟ ଉଚ୍ଚତା ବିଶିଷ୍ଟ ରଥ ଉପରକୁ ନିଆଯାଇଥିଲା। ହରିବୋଲ, ହୁଳହୁଳି ଏବଂ ଜୟ ଜଗନ୍ନାଥ ଧ୍ୱନି ସହ ଭଜନ କୀର୍ତ୍ତନର ମୃଦୁମନ୍ଦ ନାଦରେ ସମଗ୍ର ଗଗନ ପବନ ପ୍ରକମ୍ପିତ ହୋଇ ଉଠିଥିଲା। ବିଶେଷକରି ଏଠାରେ ମହିଳାମାନେ ରୋଷଣୀକରି ମା ସୁଭଦ୍ରାଙ୍କର ପହଣ୍ଡି ବିଜେ କରାଉଥିବାର ଅନୁପମ ଦୃଶ୍ୟ ବେଶ ମର୍ମସ୍ପର୍ଶୀ ଥିଲା। ରଥ ଉପରେ ଶୋଭା ପାଉଥିବା ବିରାଟକାୟ ମନୋରମ ପଟ୍ଟଚିତ୍ରଟିକୁ ପ୍ରଖ୍ୟାତ କଳାକାର ବିବେକ ବାବୁ ଅଙ୍କନ କରିଥିବା ଜଣାଯାଇଛି। ଅପରାହ୍ନ ୧ଟା ୧୫ମିନିଟରେ ରଥଟଣା ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ରାଜକୀୟ ଠାଣି ରେ ମାଞ୍ଚେଷ୍ଟରର ରାଜରାସ୍ତାରେ ଗଡି ଚାଲିଥିବା ଆକର୍ଷଣୀୟ ରଥଟିକୁ ୱିଲବ୍ରହମ୍ ରୋଡ, ସେଣ୍ଟ ୱେରବ୍ରୋ ରୋଡ , ବଣ୍ଟିଂଗହୋମ ରୋଡ ଓ ୱିଦିଂଟଙ୍ଗ ରୋଡ ଆଦି ବାଟ ଦେଇ ନଗର ପରିକ୍ରମା କରାଯାଇ ପୁଣି ଗୀତା ଭବନର ବେଢାକୁ ଫେରାଇ ଅଣାଯାଇଥିଲା। ଉପସ୍ଥିତ ବରେଣ୍ୟ ଅତିଥି ମାନଙ୍କ ମଧ୍ୟରେ ମାଞ୍ଚେଷ୍ଟର ଗୋର୍ଟନର ସାଂସଦ ଅଫଜଲ୍ ଖାଁ ଏବଂ ଭାରତରୁ ଆସିଥିବା ବିଖ୍ୟାତ ଆଧ୍ୟାତ୍ମିକ ପ୍ରବକ୍ତା ଦେବୀ ଚିତ୍ରଲେଖା ଜୀ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ।ଏହି ଅବସରରେ ଆୟୋଜିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ବିଶିଷ୍ଟ ସଙ୍ଗୀତଜ୍ଞ ରାକେଶ ଯୋଶୀ ଓ ଦୀନେଶ କୋଚରଙ୍କ ଦ୍ୱାରା ପରିବେଷିତ ସୁମଧୁର ଭଜନ ଏବଂ ସୁଶ୍ରୀ ତନିଶାଙ୍କ ଦ୍ୱାରା ପ୍ରସ୍ତୁତ ଆକର୍ଷଣୀୟ ଓଡ଼ିଶୀ ନୃତ୍ୟ ପରିବେଷଣ ଅନ୍ତର୍ଭୁକ୍ତ ଥିଲା। ସ୍ଥାନୀୟ ବରିଷ୍ଠ କଳାକାର ବୃନ୍ଦ ଯଥା ରେଶ୍ମା ମହାପାତ୍ର, ଡଃ ରାଜିନ୍ଦର ସିଂହ, କାନନବାଳା ମିଶ୍ର, ସୁଶ୍ରୀ ଅନନ୍ତିକା, ଶାନଭି ସାହୁ, ଦ୍ରିଷିକା ପାଣିଗ୍ରାହୀ ଏବଂ ରେଖା ସେନାପତିଙ୍କ ଦ୍ୱାରା ପ୍ରସ୍ତୁତ ସଂଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ମଧ୍ୟ ବହୁ ଉଚ୍ଚକୋଟିର ଓ ମନୋରଞ୍ଜକ ଥିଲା। ବାହୁଡା ଦିନ ପର୍ଯ୍ୟନ୍ତ ମାଉସୀ ମା' ମନ୍ଦିରରେ ଦିଅଁ ମାନଙ୍କୁ ପ୍ରତ୍ୟହ ଅନ୍ନ ଭୋଗ ପରସା ଯିବ ବୋଲି ସଙ୍ଗଠକମାନଙ୍କ ସୂତ୍ରରୁ ପ୍ରକାଶ ।ସମଗ୍ର ଆୟୋଜନକୁ ସୁଚାରୁ ରୂପେ ସମ୍ପାଦନ କରିବାରେ ସଂଗଠନ କମିଟିର ସଦସ୍ୟ ଯଥା ଡଃ ଶିବ ସେନାପତି, ରେଖା ସେନାପତି, ଶିବରଞ୍ଜନ ବିଶ୍ୱାଳ, ବିଷ୍ଣୁ ଦାଶ, ବିବେକ ବାବୁ, ଜୀବନ ପାଣିଗ୍ରାହୀ, ସୁଧାକର ସାହୁ, ରେଶ୍ମା ମହାପାତ୍ର, ସୁରେନ୍ଦ୍ରନାଥ ଆଚାର୍ଯ୍ୟ ଏବଂ ପ୍ରଭାତ ସିଂହ ପ୍ରମୁଖ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ଏହି ଅବସରେ ରଥଯାତ୍ରା ମହୋତ୍ସବର ଅଭୂତପୂର୍ବ ସଫଳତା ପାଇଁ ଆୟୋଜକ ମାନଙ୍କ ତରଫରୁ ମାଞ୍ଚେଷ୍ଟର କାଉନସିଲ, ମାଞ୍ଚେଷ୍ଟର ପୁଲିସ ଏବଂ ରାଜମାର୍ଗ କର୍ତ୍ତୃପକ୍ଷଙ୍କୁ ସେମାନଙ୍କର ଆକୁଣ୍ଠ ସାହାଯ୍ୟ ଓ ସହଯୋଗ ପାଇଁ କୃତଜ୍ଞତା ଅର୍ପଣ କରାଯାଇଥିଲା।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray